**ରାୟଗଡ଼ା ସାହିତ୍ୟ ମହୋତ୍ସବରେ ଶିଶୁ କବି ସମ୍ମାନିତ**

ରାୟଗଡା,(ଭାଗ୍ୟଶ୍ରୀ ମିଶ୍ର)- ସ୍ଥାନୀୟ ଯୁଜିଏମଆଇଟି ସଭାଗୃହରେ ରବିବାର ଆୟୋଜିତ ରାୟଗଡା ମହୋତ୍ସବ-୨୦୨୩ ରେ ଶିଶୁ କବି ଭାବେ ଅଖିଳେଶ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। ବିଶିଷ୍ଟ କଥାକାର ତଥା ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସାହିତ୍ୟ ଏକାଡେମୀର ଆବାହକ ଡ଼. ଗୌରହରି ଦାସ ଶିଶୁ କବିଙ୍କୁ ଉପଢୌକୋନ ସହ ପୁଷ୍ପ ଗୁଛ ଦେଇ ସମ୍ମାନିତ କରିଛନ୍ତି। ଏହି ସମୟରେ ମହୋତ୍ସବର ଅଧକ୍ଷ ତଥା କବି ଡ.ଦୁଷ୍ମନ୍ତ କୁମାର ମହାନ୍ତି ଉପସ୍ଥିତ ରହି ଶିଶୁ କବିଙ୍କୁ ଉତ୍ସାହିତ କରିଥିଲେ।



## ସଂକ୍ଷେପରେ

### ଆଇନ ସଚେତନତା ଶିବିର

ବିଷମ କଟକ,୧୧।୧୨(ବିଭୂତି ଭୂଷଣ ନାୟକ)

ବିଷମକଟକ ତାଲୁକ ଆଇନ ସେବା କମିଟି ତରଫରୁ ସୋମବାର ବିଶ୍ୱ ମାନବ ଅଧିକାର ଦିବସ ପାଳନ ଅବସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାତପୁରର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିରକୁ ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ବିଷମକଟକ କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ ପବିତ୍ରାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ଅଶ୍ୱିନୀ କୁମାର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଏଥିରେ ବିଷମକଟକ ବାର୍ ଆସୋସିଏଶନର ବରିଷ୍ଠ ଆଇନଜୀବୀ ରାମ ମିଣିଆକା, ବଡ଼ ଗୌଡ଼ ଏବଂ ଭାତପୁର ସରକାରୀ ଉଚ୍ଚ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ରୋହିଦାସ ତାଡ଼ିଙ୍ଗି ଯୋଗଦାନ କରି ବିଶ୍ୱ ମାନବ ଅଧିକାର ଦିବସର ମହତ୍ତ୍ୱ ତଥା ଶିଶୁମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଅଧିକାର ସମ୍ପର୍କିତ ସରକାରଙ୍କର ବିଭିନ୍ନ ଆଇନ ଉପରେ ଆଲୋଚନା କରିଥିଲେ ।

### ବାଲ୍ୟବିବାହ ରୋକିବାକୁ ସଚେତନତା କାର୍ଯ୍ୟକ୍ରମ



ଗୁଡ଼ାରି, ୧୧।୧୨ (ପ୍ରମୋଦ କୁମାର ପତି)

ଗୁଡ଼ାରିସ୍ଥିତ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଦ୍ୱାରା ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବାଲ୍ୟବିବାହର କୁପରିଣାମ ବିଷୟରେ ଲୋକଙ୍କୁ ସଚେତନ କରାଯିବା ସହ ବାଲ୍ୟବିବାହ କିପରି ରୋକାଯାଇ ପାରିବ ସେ ବିଷୟରେ ସ୍ଲୋଗାନ ଦିଆଯାଇଥିଲା। ପରେ ସ୍ଥାନୀୟ ଡିଗ୍ରୀ କଲେଜ ନିକଟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାଲ୍ୟବିବାହ ସମ୍ପର୍କିତ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଥାନା ଅଧିକରୀ ସମର୍ପିତା ସ୍ୱାଇଁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଲେଜ ଅଧକ୍ଷ ଜଳନ୍ଧର ଗୌଡଙ୍କ ତତ୍ତ୍ୱାବଧାନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

### ଭାଜପା ପକ୍ଷରୁ ଦାବିପତ୍ର

ଗୁଡ଼ାରି, ୧୧।୧୨ (ପ୍ରମୋଦ କୁମାର ପତି)

ରାଜ୍ୟ ସରକାରଙ୍କ ଶାସନ ବ୍ୟବସ୍ଥାକୁ ବିରୋଧକରି ଗୁଡ଼ାରି ବ୍ଲକ୍ ଭାଜପା ପକ୍ଷରୁ ସୋମବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ନଗର ସଭାପତି ଗୌରୀ ଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ଭଜପା କର୍ମୀ ବିଡିଓ ଅନିଶା ଦାସ ଏବଂ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡାଙ୍କୁ ଦାବିପତ୍ର ଦେଇଥିଲେ। ବ୍ଲକ ମଣ୍ଡଳ ସଭାପତି ସମ୍ବରା ଶବର, ନାରୀ ନେତ୍ରୀ ଗୌରୀ ମାଣ୍ଡଙ୍ଗି, ଭାଜପା ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢ଼ୀ, ଏସ୍ଟି ରାଜ୍ୟ ସମ୍ପାଦକ ବିଦ୍ୟାଧର ଶବର ଏବଂ ଭାଜପା ବରିଷ୍ଠ ନେତା ପ୍ରତାପ ପାଣିଗ୍ରାହୀଙ୍କ ନେତୃତ୍ୱରେ କର୍ମୀମାନେ ଭାଜପା କାର୍ଯ୍ୟାଳୟରୁ ଶୋଭାଯତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ ।

# ଦେବଗିରି ଶୈବପୀଠରୁ ବାଜିଲା ଚଇତି ବିଗୁଲ





ଦେବଗିରି ଶୈବପୀଠରୁ କଳସରେ ଜଳ ଭରି ଶୋଭାଯାତ୍ରାରେ ଅନସୂୟା ମାଝି ଓ ଅନ୍ୟ ମହିଳାମାନେ ସହର ପରିକ୍ରମା କରୁଛନ୍ତି । କଳାକାରମାନେ ଢେମସାନୃତ୍ୟ ପରିବେଷଣ କରୁଛନ୍ତି ।

ରାୟଗଡ଼ା,୧୧।୧୨(ଆଶିଷ ରଞ୍ଜନ ପଣ୍ଡା)

- କଲ୍ୟାଣସିଂହପୁରରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ
- ୨୬ରୁ ଜିଲାସ୍ତରୀୟ ଚଇତି

ଚଳିତ ମାସ ୨୬ ତାରିଖରୁ ୫ଦିନ ବ୍ୟାପୀ ମହାଆଡ଼ମ୍ବରରେ ପାଳନ ହେବ ରାୟଗଡ଼ା ଜିଲା ମହୋତ୍ସବ ଚଇତି । ଏଥିପାଇଁ ରବିବାର କଲ୍ୟାଣସିଂହପୁର ବ୍ଲକର ପ୍ରସିଦ୍ଧ ଶୈବପୀଠ ଦେବଗିରିରୁ ବାଜିଛି ବିଗୁଲ। ମହା ଆଡ଼ମ୍ବରରେ କଳସଯାତ୍ରା ସହ ବ୍ଲକସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଛି। ଦେବଗିରି ପାହାଡ଼ସ୍ଥିତ ଗଙ୍ଗା ଯମୁନା ଜଳକୁଣ୍ଡ ନିକଟରେ ପୂଜାର୍ଚ୍ଚନା ପରେ କଳସରେ ପବିତ୍ର ଜଳ ଅଣାଯାଇଥିଲା । ଏହାପରେ କଳସ ଶୋଭାଯାତ୍ରାରେ କଲ୍ୟାଣସିଂହପୁର ସହର ପରିକ୍ରମା କରାଯାଇ ବ୍ଲକ୍ କାର୍ଯ୍ୟାଳୟ ନିକଟରେ ୧୩ଟି କଳସରେ ଜଳ ପୂଜା ପରେ ସ୍ଥାପନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ଭାସ୍କର ରଇତ ମୁଖ୍ୟ କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ନାଚ, ଗୀତ ସହ ଢେମସା ଓ ସଂକୀର୍ତ୍ତନରେ ମସ୍‌ଗୁଲ ହୋଇଥିଲେ ଲୋକେ। କଳସ ଶୋଭାଯାତ୍ରାରେ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ଚଇତି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନସୂୟା ମାଝି, ବିଏସ୍‌କେୱାଇ ଉପଦେଷ୍ଟା ସୁଧୀର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦୟାନିଧି ବାଗ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

ରାୟଗଡା,୧୧।୧୨(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଏସ୍‌ଡିଜେଏମ୍ ଜଜ୍ ବର୍ଷା ଦାସ ସୋମବାର ଏକ ଚୋରି ମାମଲାର ଶୁଣାଣିକରି ଅଭିଯୁକ୍ତ ଗାନ୍ଧୀ ଦଳେଇଙ୍କୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ୮ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଏସ୍‌ଡିଜେଏମ ବର୍ଷା ଦାସ୍ ଦଫା ଅଭିଯୁକ୍ତଙ୍କୁ ୪୫୭ ଆଇପିସିରେ ୨ ବର୍ଷ ଏବଂ ୪୨୭ ଆଇପିସିରେ ୧ବର୍ଷ ସଶ୍ରମ କାରଦଣ୍ଡର ଶୁଣାଣି କରିଛନ୍ତି।

ଅଭିଯୁକ୍ତ ଗାନ୍ଧୀ ଦଳେଇ ଗତ ଏପ୍ରିଲ ୧୯ତାରିଖରେ ରାୟଗଡା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁରରେ ଥିବା ଇଏସ୍ଆଇ ହସ୍ପିଟାଲର ପଛ କାଚ କବାଟ ଭାଙ୍ଗି ଚୋରି ଉଦ୍ୟମ କରିଥିଲେ। ହସ୍ପିଟାଲରେ ନିୟୋଜିତ ସିକ୍ୟୁରିଟି ଗାର୍ଡ ଗାନ୍ଧୀଙ୍କୁ ଚୋରି କରିବା ସମୟରେ ଧରି ପକାଇଥିଲେ । ଚୋରି ଘଟଣାକୁ ଅଧାର କରି ହସ୍ପିଟାଲର ଅଧୀକ୍ଷକ ଡାକ୍ତର ବିରଞ୍ଚି ନାରାୟଣ ପଣ୍ଡା ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚାନ୍ଦିଲି ଥାନାରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାକୁ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡଙ୍ଗା ଓ ମୁଦାଲାଙ୍କ ପାଇଁ ଆଇନଜୀବୀ ଅରୁଣ କୁମାର ଲେଙ୍କା ପରିଚାଳନା କରିଥିଲେ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ବିଭିନ୍ନ ମାମଲା ରହଥିବା ଜଣାପଡ଼ିଛି।

# ଭାଜପା ପକ୍ଷରୁ ମିଶ୍ରଣ ପର୍ବ



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀ ପ୍ରତିବାଦ କରୁଛନ୍ତି।

ରାୟଗଡ଼ା,୧୧।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଭାଜପା ପକ୍ଷରୁ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଶିବ ପଟ୍ଟନାୟକ ଓ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକର ୨୨ ଜଣ ଭାଜପା ଦଳରେ ଯୋଗଦାନକରି ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି। ଏଥିରେ ବିଭିନ୍ନ ପଞ୍ଚାୟତର ପୂର୍ବତନ ସରପଞ୍ଚ ଏବଂ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଅବସରପ୍ରାପ୍ତ ମ୍ୟାନେଜର ଅଙ୍ଗଦ କୁଟ୍ରୁକା ପ୍ରମୁଖ ଦଳରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ ।

ଅପରପକ୍ଷେ ଝାଡ଼ଖଣ୍ଡ କଂଗ୍ରେସର ରାଜ୍ୟ ସଭା ସଦସ୍ୟ ଧୀରଜ ସାହୁଙ୍କ ମଦ ସାମ୍ରାଜ୍ୟରେ ଆୟକର ବିଭାଗର ଚଢ଼ାଉ ଘଟଣାକୁ ଭାଜପା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା। ବେଆଇନ ଭାବେ କଳାଧନ ଠୁଳ ପ୍ରତିବାଦରେ ଜିଲା ଭାଜପା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧୀରଜ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନଗର ମହିଳା ସଭାନେତ୍ରୀ ମଞ୍ଜୁଲା ମିଣିଆକା, ସାଧାରଣ ସମ୍ପାଦିକା ଝରଣା ମହାନ୍ତି, ଜିଲା ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ସମ୍ପାଦକ ପ୍ରତାପ ପୁଆଲା, ଜିଲା ସାମାଜିକ ଗଣମାଧ୍ୟମ ସଂଯୋଜକ ମହେଶ୍ୱର ମନ୍ତ୍ରୀ, ଯୁବମୋର୍ଚ୍ଚା ଜିଲା ସଭାପତି ଉମେଶ ଖୋସଲା, କଞ୍ଚଡ଼ା ଅଶ୍ୱିନୀ, ବରିଷ୍ଠ ନେତା ରଜତ ମାଦଳା, ବି.ଶ୍ରୀନୁ ଓ ଶତାଧିକ କର୍ମୀମାନେ ଯୋଗଦେଇଥିଲେ ।

**ଧୀରଜ ସାହୁଙ୍କ କଳାଟଙ୍କା ଠୁଳ ପ୍ରତିବାଦରେ କୁଶ ପୁତ୍ତଳିକା ଦାହ**

# ଆମ୍ବାବାଡ଼ିରେ ଝାଡ଼ାବାନ୍ତି, ୧୦ ଆକ୍ରାନ୍ତ

ପଦ୍ମପୁର, ୧୧।୧୨(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତର ଆମ୍ବାବାଡ଼ି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଡାଇରିଆରେ ଗ୍ରାମର ୧୦ ଜଣ ଆକ୍ରାନ୍ତ ହୋଇ ପଦ୍ମପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପଦ୍ମପୁର ମେଡିକାଲ ଭାରପ୍ରାପ୍ତ ଚିକିତ୍ସାଧିକାରୀ ରତ୍ନୁପର୍ଣ୍ଣା ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ଭ୍ରାମ୍ୟମାଣ ଟିମ୍ ଆମ୍ବାବାଡ଼ି ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନକରି ଫେରିଛନ୍ତ। ଚିକିତ୍ସାଧୀନ ଅବସ୍ଥାରେ ଥିବା ଆକ୍ରାନ୍ତଙ୍କ ସାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ଡାକ୍ତର ବିକାଶ ସିଂ କହିଛନ୍ତି। ଡାଇରିଆ ବ୍ୟାପିବାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ ଦୂଷିତ ଜଳ ପିଇବା କାରଣରୁ ଏଭଳି ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଅନୁମାନ କରୁଛନ୍ତି।

ଆମ୍ବାବାଡ଼ି ଗ୍ରାମର ସାନୁ ଶବର (୧୩), ଅଞ୍ଜନା ଶବର (୩୦), ଜେମା ଶବର(୫୫), ଝରଣା ଶବର (୨୫), ଖୁଲଣା ଶବର (୧୮), ଅଲେଖ ଶବର (୨୦), ଅନୁରୋଧ ଶବର(୬୫), ଲିଟୁ ଶବର (୨୩), ବାସନ୍ତୀ ଶବର (୨୫) ପ୍ରମୁଖ ଆକ୍ରାନ୍ତ ହୋଇ ପଦ୍ମପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପଦ୍ମପୁର ଭାରପ୍ରାପ୍ତ ଚିକିତ୍ସାଧିକାରୀ ରତ୍ନୁପର୍ଣ୍ଣା ପଟ୍ଟନାୟକଙ୍କୁ ଝାଡ଼ାବାନ୍ତିର କାରଣ ବିଷୟରେ ପଚାରିବାରୁ ଖାଦ୍ୟ ବିଷାକ୍ତ ହେବା କାରଣରୁ ଗୋଟିଏ ପରିବାରର ଅଧିକାଂଶ ଲୋକ ଆକ୍ରାନ୍ତ ହୋଇଥିବା କହିଛନ୍ତି। ତେବେ ଆକ୍ରାନ୍ତ ବ୍ୟକ୍ତିମାନେ ଖାଦ୍ୟ କିମ୍ବା ଦୂଷିତ ପିଇବା ପାଣି ଯୋଗୁ ଏଭଳି ହେଲା ଠିକ୍ ଭାବେ କହିପାରୁ ନ ଥିବାରୁ ପ୍ରକୃତ କାରଣ ଜଣାପଡ଼ିନାହିଁ।



ପଦ୍ମପୁର ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀ।

### ଚଇତି ପାଳନ ନେଇ ପ୍ରସ୍ତୁତି ବୈଠକ

ଗୁଡ଼ାରି,୧୧।୧୨ (ପ୍ରମୋଦ କୁମାର ପତି)

ଗୁଡ଼ାରି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଲୋକ ମହୋତ୍ସବ ଚଇତି ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ଅନିସା ଦାସଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ମାସ ୧୭ ତାରିଖରେ ଗୁଡାରିରେ ଚଇତି ଉତ୍ସବ ପାଳନ ହେବ। ଲୋକ ମହୋତ୍ସବ ଚଇତିରେ ଲୋକକଳା, ଆଦିବାସୀ ନୃତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମ ସୁଚାରୁ ରୂପେ କରିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଗଙ୍ଗା ଆବାହନକୁ ଗୁରୁତ୍ୱ ଦିଆଯାଇଛି। ଗଠିତ ହୋଇଥିବା ବିଭିନ୍ନ କମିଟି ଏ ଦିଗରେ କାର୍ଯ୍ୟ କରିବେ ଓ ବୈଠକରେ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଗୋଟିଏ ଲେଖାଏଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ କିପରି ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ ତା ଉପରେ ଆଲୋଚନା ହୋଇଥିଲା ।

# ବ୍ଲକସ୍ତରୀୟ ‘ଚଇତି’ ପାଳନ ନେଇ ପ୍ରସ୍ତୁତି

ମୁନିଗୁଡା,୧୧।୧୨(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକସ୍ତରୀୟ ଲୋକ ମହୋତ୍ସବ ଚଇତି–୨୦୨୩ ପାଳନ ନିମନ୍ତେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧକ୍ଷା ଦୁଃଖିନୀ ନୁଣ୍ଡରୁକାଙ୍କ ଅଧକ୍ଷତା ଓ ବିଡ଼ିଓ ପ୍ରିତମ କୁମାର ତନ୍ତୀଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲା ପରିଷଦ ଉପାଧକ୍ଷ ଆଦର୍ଶ କୁସୁଲିଆ, ମୁଖ୍ୟ କିରାଣୀ ଜିତେନ୍ଦ୍ର କୁମାର ଧର, ଜିପିଓ ଭିକାରୀ ଚରଣ ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଚଇତି ଉତ୍ସବର ଆୟୋଜନ ଉପରେ ଆଲୋକପାତ କରିଥିଲେ।

ଚଳିତବର୍ଷ ବ୍ଲକସ୍ତରୀୟ ଚଇତି ଉତ୍ସବ ଡିସେମ୍ବର ୧୪ତାରିଖରେ ସ୍ଥାନୀୟ ମୁନିଗୁଡା ମହାବିଦ୍ୟାଳୟ ପଡିଆରେ ଆୟୋଜନ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆ ଯାଇଥିଲା। ସକାଳ ୭ଟାରେ ମୁନିଗୁଡ଼ା ଠାକୁରାଣୀ ମନ୍ଦିରରୁ ମଶାଲ ଯାତ୍ରା ବାହାରି ଚଇତି ମଣ୍ଡପରେ ସ୍ଥାପନ କରାଯିବ। ପରେ ମୁନିଗୁଡ଼ା ଲକ୍ଷ୍ମଣ ନାୟକ ଛକରୁ ଏକ ମାରାଥନ ରେସ୍ ହୁକୁମାତୋଳାର ରାମେଶ୍ୱର ଶୈବପୀଠ ପର୍ଯ୍ୟନ୍ତ ଯାଇ ସେଠାରୁ ଫେରିବ। ମହୋତ୍ସବ ଦିନରେ ବିଭିନ୍ନ କ୍ରୀଡା ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ପାଇଁ ସ୍ଥିର କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରୁ ସାଂସ୍କୃତିକ ଦଳ ଚୟନ କରାଯାଇ ସେମାନଙ୍କୁ ବ୍ଲକ ଚଇତି ଉତ୍ସବରେ କଳା ପ୍ରଦର୍ଶନ ପାଇଁ ସୁଯୋଗ ଦିଆଯିବ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ କଳାକାରଙ୍କୁ ଜିଲାସ୍ତରୀୟ ଚଇତି ମହୋତ୍ସବରେ ଭାଗ ନେବାର ସୁଯୋଗ ମିଳିବ ବୋଲି ବିଡ଼ିଓ ତନ୍ତୀ ଜଣାଇଥିଲେ। ଚଇତି ଉତ୍ସବର ସଫଳ ଆୟୋଜନକୁ ନେଇ ବିଭିନ୍ନ କମିଟି ଗଠନ କରାଯିବା ନେଇ ମୁଖ୍ୟ କିରାଣି ସୂଚିତ କରିଥିଲେ। ଉକ୍ତ ବୈଠକରେ କୋରାପୁଟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡରୁକା, ରାଜୀବ ଲୋଚନ ଦାସ, ମନୋରଞ୍ଜନ ଦଳାଇ, ନନ୍ଦକିଶୋର ପଟ୍ଟନାୟକ, ଗଣେଶ ପାତ୍ର, ରଞ୍ଜନ ସ୍ୱାଇଁ, ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି, ପଞ୍ଚାୟତ ପିଇଓ, ବିଶିଷ୍ଟ ଲୋକମାନେ ଉପସ୍ଥିତ ଥିଲେ।




ବୈଠକରେ ଅଧିକାରୀମାନେ ଚଇତି ପରିଚାଳନା ନେଇ ଆଲୋଚନା କରୁଛନ୍ତି ।

# ୧୦୪୬ଙ୍କୁ ନିଯୁକ୍ତି , ୩୬୯ ପ୍ରଶିକ୍ଷଣ ପାଇଁ ଚୟନ



ନିଯୁକ୍ତି ମେଳାରେ ଯୋଗଦେଇଥିବା ଯୁବତୀ ଯୁବକ।

ରାୟଗଡ଼ା,୧୧।୧୨(ଆଶିଷ ରଞ୍ଜନ ପଣ୍ଡା)

**୨ ଦିନିଆ ନିଯୁକ୍ତିମେଳା ଉଦ୍‌ଯାପିତ**

ସ୍ଥାନୀୟ ଜିସିଡି ପଡ଼ିଆଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ୨ ଦିନିଆ ଜିଲାସ୍ତରୀୟ ନିଯୁକ୍ତିମେଳା ସୋମବାର ଉଦ୍‌ଯାପିତ ହୋଇଛି । ପ୍ରଥମ ଦିନରେ ଅନୁସୂଚିତ ଜନଜାତି ଓ ଜାତି ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିନରେ ୧୬୮୫ଜଣ ବେକାର ଯୁବତୀଯୁବକ ନାମ ପଞ୍ଜୀକୃତ କରିଥଲେ। ସେଥିମଧ୍ୟରୁ ୧୦୪୬ଜଣଙ୍କୁ ବିଭିନ୍ନ କମ୍ପାନୀରେ ନିଯୁକ୍ତି ସୁଯୋଗ ମିଳିଛି । ବଳକା ୩୬୯ଜଣଙ୍କୁ ପିଆଇଏ ମାଧ୍ୟମରେ ସ୍କିଲ୍ ଟ୍ରେନିଂ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଛି । ଏହି ନିଯୁକ୍ତି ମେଳାରେ ଏଚ୍‌ସିଏଲ, ଜେକେ ଟ୍ରଷ୍ଟ, ମେଡପ୍ଲସ ଭଳି ୨୩ଟି ନିଯୁକ୍ତ ସଂସ୍ଥା ଏବଂ ୧୧ଟି ପିଆଇଏ ସଂସ୍ଥା ଅଂଶଗ୍ରହଣ କରି ନିଯୁକ୍ତି ସୁବିଧା ଯୋଗାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଆର୍ମି ଅଧିକାରୀ ମେଜର ସଞ୍ଜୀବ ଦୀକ୍ଷିତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗୋପାଳପୁର ଆର୍ମି ରେଜିମେଣ୍ଟ ପକ୍ଷରୁ ମଧ ଷ୍ଟଲ ଖୋଲଯାଇଥିଲା । ଏଥିରେ ପିଲାଙ୍କୁ ଅଗ୍ନିବୀରରେ ଯୋଗଦେବା ପାଇଁ ଉତ୍ସାହିତ କରାଯାଇଥିଲା। ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ରଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏସ୍‌ସି, ଏସ୍‌ଟି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ବୈଠକ

ରାୟଗଡା,୧୧।୧୨(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ସହରସ୍ଥିତ ଠକରବାପା ଆଶ୍ରମରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ଆହ୍ୱାନକ୍ରମେ ରାୟଗଡା ଜିଲା ଶାଖାର ଏକ ବୈଠକ ସୋମବାର ଆୟୋଜିତ ହୋଇଛି। ବୈଠକରେ ଜିଲା ଜଳ ବିଭଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ଼. ଦୟାନିଧି ବାଗ ସଭାପତିତ୍ୱ କରି ବୈଠକର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା କର୍ମଚାରୀଙ୍କ ସର୍ବସମ୍ମତି କ୍ରମେ ଜିଲାସ୍ତରୀୟ କର୍ମକର୍ତ୍ତା ନିର୍ବାଚିତ କରାଯାଇଥଲା । ସଭାପତି ଭାବେ ଆନନ୍ଦ ତାଡିଙ୍ଗି, କାର୍ଯ୍ୟକାରୀ ସଭାପତି ଭାବେ ଲେଫ୍‌ଟନାଣ୍ଟ ଉଦୟ ନାଏକ, ସାଧାରଣ ସମ୍ପାଦକ ଅବତାର ଶବର, ସହ ସାଧାରଣ ସମ୍ପାଦିକା ପ୍ରଣତି ହିମିରିକା, ସାଙ୍ଗଠନିକ ସମ୍ପାଦକ ନିରଞ୍ଜନ ନାଏକ ନିର୍ବାଚିତ ହୋଇଛନ୍ତି। ସେହିପରି ନିଯୁକ୍ତି ସମ୍ପାଦକ ଭାବେ ବିଶ୍ୱରଞ୍ଜନ ସାମଲ,ସାଂସ୍କୃତିକ ସମ୍ପାଦକ ବିଶ୍ୱନାଥ ସାରକା, ଆର୍ଥିକ ସମ୍ପାଦକ ଦେବେନ୍ଦ୍ର କୁମାର ହୀମିରିକା, ସହ ସମ୍ପାଦିକା (ସାଙ୍ଗଠନିକ, ନିଯୁକ୍ତ, ସାଂସ୍କୃତିକ) ସୁଶ୍ରୀ ସଞ୍ଜୁକ୍ତା ପେଦେଣ୍ଟି ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ରାୟଗଡା ଜିଲାର ପ୍ରତ୍ୟେକ ବ୍ଲକରୁ ୨ଜଣ ପ୍ରତିନିଧିଙ୍କୁ ନିର୍ବାଚିତ କରାଯିବା ସହ ୨ଟି ପୌର ସଂସ୍ଥା ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳରୁ ଜଣେ ଲେଖାଏଁ ସଦସ୍ୟ ନିର୍ବାଚିତ ହୋଇଥିଲେ। ବୈଠକରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀମାନେ କେମିତି ନିଜର କର୍ମକ୍ଷେତ୍ରରେ ବିଭିନ୍ନ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି, ପାତରଅନ୍ତରର ସମ୍ମୁଖୀନ ହେଉଛନ୍ତି, ଅନ୍ୟାନ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ସବୁ ସମସ୍ୟାର ଆଶୁ ସମାଧାନ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ହୋଇଥିଲା ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାଜପାର ଦାବିପତ୍ର

ଗୁଣପୁର/ବିଷମକଟକ,୧୧।୧୨
(ପ୍ରଦୀପ କୁମାର ପାଢ଼ୀ/ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲା ରାମନାଗୁଡା ଓ ବିଷମକଟକ ବ୍ଲକ୍ ଭାଜପା ପକ୍ଷରୁ ସୋମବାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା କର୍ମୀ ରାମନାଗୁଡ଼ା ମୁଖ୍ୟ ବଜାର ନିକଟ ଖିଲାପଦର ଛକଠାରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦିଆଯାଇଥିଲା। ୨୫ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଅନୁପସ୍ଥିତରେ ବରିଷ୍ଠ କିରାଣି ତ୍ରିନାଥ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାମନାଗୁଡ଼ା ବ୍ଲକରେ ନିଅଣ୍ଟିଆ ବୃଷ୍ଟିପାତ ଯୋଗୁ ସମ୍ପୂର୍ଣ୍ଣ ଭାବେ ମରୁଡ଼ି ଘୋଷଣା ସହ କୃଷକ ଉନ୍ନତିକରଣ ସକାଶେ ସମସ୍ତ ଜମିକୁ ଜଳସେଚନ ବ୍ୟବସ୍ଥା, କୃଷକ ଉତ୍ପାଦିତ ଶସ୍ୟ ସୁରକ୍ଷା ନିମନ୍ତେ ଗୁମୁଡାଠାରେ ଶୀତଳଭଣ୍ଡାର ନିର୍ମାଣ,ଗୁମୁଡା ନିକଟରେ କୃଷକ ବଜାର ନିର୍ମାଣ,ସମସ୍ତ ଗ୍ରାମକୁ ପକ୍କା ରାସ୍ତା, ରାମନାଗୁଡାରେ ବସ୍‌ଷ୍ଟାଣ୍ଡ ନିର୍ମାଣ, ସରକାରୀ ସ୍ନାତକ କଲେଜ ପ୍ରତିଷ୍ଠା କରିବା, ସଦର ମହକୁମାରେ ସରକାରୀ ବୈଷୟିକ ଶିକ୍ଷା ବିଦ୍ୟାଳୟ ନିର୍ମାଣ ଆଦି କରାଯିବାକୁ ଦାବି ହୋଇଛି। ବ୍ଲକ ଭାଜପା ସଭାପତି ଚିନ୍ତା କଣ୍ଡାଗରୀଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ବରିଷ୍ଠ ଭାଜପା ନେତା ନରସିଂହ ମାଣ୍ଡାଙ୍ଗି, କାହ୍ନୁ ଚରଣ ପଣ୍ଡା, ତୁମ୍ମେସୁ ମାଣ୍ଡାଙ୍ଗି, ରାମାରାଓ କାତ୍ରାକା, ହରି ତାଡିଙ୍ଗି, ନାଗେଶ୍ୱର ମୁଚ୍ଚିକା, ବସନ୍ତ କଲାକା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବିଷମକଟକ ଭାଜପା ନେତା ଗୌତମ ଉଲ୍ଲାକାଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୯ ଦଫା ସମ୍ବଳିତ ଦାବିପତ୍ର ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ପ୍ରଦାନ କରାଯାଇଛି। ବ୍ଲକର ଭୂମିହିନ ଗରିବଙ୍କୁ ଜଙ୍ଗଲ ଜମି ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୨୦୦ ଦିନର କାମ ଯୋଗାଇ ଦେବା ବ୍ୟବସ୍ଥା, ବେରୋଜଗାର ଶିକ୍ଷିତ ଯୁବକ ଯୁବତୀଙ୍କୁ ବେକାରୀ ଭତ୍ତା ବାବଦକୁ ମାସିକ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବା, ଜମିହୀନ ପରିବାରଙ୍କୁ ଚିହ୍ନଟ କରି ଜଣଙ୍କୁ ୪ ଡିସିମିଲି ଜମି ପ୍ରଦାନ, ଶୀତଳଭଣ୍ଡାର ସ୍ଥାପନ, ବ୍ଲକରେ ଚାଷୀଙ୍କ ପାଇଁ ଜଳ ଯୋଗାଣର ସୁବିଧା କରାଯିବା, ବ୍ଲକରେ ୧୦ଟି ଜାତୀୟକରଣ ବ୍ୟାଙ୍କ ଖୋଲାଯିବା, ଚାଷୀଙ୍କୁ ଠିକ ସମୟରେ ବିହନ ଯୋଗାଇ ଦେବା, ବ୍ଲକରେ ଆବଶ୍ୟକତା ଅନୁଯାୟୀ ଡାକ୍ତର ନିଯୁକ୍ତି, ଏସ୍‌ଟି ଏସ୍‌ସିଙ୍କୁ ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ର ପ୍ରଦାନ କରାଯିବା,ବ୍ଲକର ସମସ୍ତ ମଦଭାଟି ବନ୍ଦ କରାଯିବା, ପିସି କାରବାର ବନ୍ଦ କରିବା, ବ୍ଲକରେ କୃଷକ ବଜାର ଖୋଲିବା, ନୀଳଗିରି ଚାଷୀଙ୍କୁ ଉଚିତ ମୂଲ୍ୟ ଦିଆଯିବା, ବ୍ଲକର ପ୍ରତ୍ୟେକ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବା, ପଞ୍ଚାୟତରାଜ ବ୍ୟବସ୍ଥାରେ ଥିବା ସମସ୍ତ ବିଷୟକୁ ଗ୍ରାମ ଓ ପଲ୍ଲୀସଭା ଦ୍ୱାରା ପାରିତ କରାଯିବା, ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ଗୌତମ ଉଲ୍ଲାକାଙ୍କ ସମେତ ରୋହିତ ଦଣ୍ଡସେନା, ବାଦଲ ରଣା, ଶୁଭମ ପାଢ଼ୀ, ଦୁର୍ଯ୍ୟୋଧନ ପାଳ, ସର୍ବେଶ୍ୱର ସୁନା, ପଦ୍ମନାଭ ଉର୍ଲାକା, ଲକ୍ଷ୍ମଣ କୁମ୍ଭକା, ରାମଦାସ ଉର୍ଲାକା, ପ୍ରଶାନ୍ତଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ ।



ରାମନାଗୁଡା ଭାଜପା କର୍ମୀ ଶୋଭାଯାତ୍ରାରେ ବାହାରିଛନ୍ତି।



ବିଷମକଟକ ବିଡିଓଙ୍କୁ ଭାଜପା କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି ।

**ଭାଜପାର ଧାରଣା, ପ୍ରତିବାଦ ସଭା**

କୋରାପୁଟ,(ଅମିତାଭ ବେହେରା)-କୋରାପୁଟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ତଥା ରାଜ୍ୟସଭା ସଦସ୍ୟ ଧୀରଜ ସାହୁ କରିଥିବା ୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଦୁର୍ନୀତି ପ୍ରତିବାଦରେ କୋରାପୁଟ ଜିଲା ଭାଜପା ପକ୍ଷରୁ ସୋମବାର ଧାରଣା ଓ ପ୍ରତିବାଦ ସଭା କରାଯାଇଛି। ଭାଗୀରଥି 'ପାଟନିଆ, ରଘୁରାମ ମାଛଙ୍କ ନେତୃତ୍ୱରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ନଗର ଭାଜପା ସଭାପତି ପି.ସିଦ୍ଧାର୍ଥ ଶଙ୍କର ମୁଦୁଲିଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଏହି ଅବସରରେ କଂଗ୍ରେସ ସାଂସଦ ଧୀରୋଜ ସାହୁଙ୍କ କୁଶପିତ୍ତୁଳିକା ଦାହ କରାଯାଇଥିଲା।

## ସଂକ୍ଷେପରେ

### ୬ ଏସ୍ଏଚ୍‌ଜିକୁ ମହୁବାକ୍ସ ପ୍ରଦାନ



**କୋରାପୁଟ,୧୧।୧୨(ଅମିତାଭ ବେହେରା)**

କୋରାପୁଟ ଜିଲାରେ ମହୁଚାଷକୁ ଅଧିକ ପ୍ରୋତ୍ସାହନ ଦେବାକୁ ସିଏସ୍ଆଇଆର୍ ଫ୍ଲୋରି କଲଚର ମିଶନ ପ୍ରକଳ୍ପ ଓ କୋରାପୁଟ ଓର୍‌ମାସର ମିଳିତ ସହଯୋଗରେ ନିକଟରେ ଜିଲାର ୬ ଟି ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି) ସାମିଲ କରାଯାଇଛି। ସେମାନଙ୍କୁ କୋରାପୁଟ ଓ କୋଲାରଠାରେ ୪ ଦିନ ମହୁଚାଷ ତାଲିମ ପ୍ରଦାନ କରାଯାଇଛି। ୬ଟି ଏସ୍ଏଚ୍‌ଜିର ୪୦ ଜଣ ସଦସ୍ୟାଙ୍କୁ ସିଏସ୍ଆଇଆରର ପ୍ରକଳ୍ପ ମ୍ୟାନେଜର ଡ. ଶାନ୍ତନୁ ବେହେରା, ଜିଲା ଉଦ୍ୟାନ ବିଭାଗ ଅଧିକାରୀ ତାଲିମ ଦେଇଥିଲେ। ତାଲିମ ପ୍ରଦାନ ପରେ କୋରାପୁଟ ସରକାରୀ ମହାବିଦ୍ୟାଳୟଠାରେ ଆୟୋଜିତ ଉତ୍ସବରେ ସେମାନଙ୍କୁ ମହୁ ବାକ୍ସ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତଥି ଏସ୍ଏଚ୍‌ଜି ମହିଳାଙ୍କୁ ତାଲିମ ପ୍ରମାଣପତ୍ର ସହ ଜଣ ପ୍ରତି ୫ ଟି ଲେଖାଏ ମହୁ ବାକ୍ସ ପ୍ରଦାନ କରିଥିଲେ। ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଶନ କାର୍ତ୍ତିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦୀପକ ପଟ୍ଟନାୟକ, ସିଏସ୍ଆଇଆର୍ ପ୍ରକଳ୍ପ ଅଧିକାରୀ ବେହେରା, ଉଦ୍ୟାନ ଅଧିକାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଇପାହାଡ଼ବାସୀଙ୍କୁ ସରକାରଙ୍କ ଅବହେଳା ଅଭିଯୋଗ

**ନନ୍ଦପୁର, ୧୧।୧୨(ଶଙ୍କର ପୂଜାରୀ)**

- ମିଳିଲାନି ଆବାସ, ହେଲାନି ବିଦ୍ୟୁତ୍ ସଂଯୋଗ
- ତିନିମାସ ହେଲା ଅନ୍ଧାରରେ ଗ୍ରାମବାସୀ
- ପ୍ରକଳ୍ପ ପ୍ରସ୍ତୁତ ହୋଇ ଜିଲା, ରାଜ୍ୟ ପ୍ରଶାସନକୁ ପଠାଯାଇଛି: ବିଡିଓ

ଓଡ଼ିଶା ସୀମାନ୍ତ ତଥା କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମବାସୀ ନନ୍ଦପୁର ବ୍ଲକ, କୋରାପୁଟ ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନ ପକ୍ଷରୁ ଅବହେଳାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ଓଡ଼ିଶା ପ୍ରଶାସନର ଅଣଦେଖାରେ ଆମେ ଥିଲୁ। ସେତେବେଳେ ଆନ୍ଧ୍ର ପ୍ରଶାସନ ଆମକୁ ଆଧାର, ରାଶନ, ଭୋଟ ପରିଚୟ ପତ୍ର, ଶିକ୍ଷା, ସ୍ୱାସ୍ଥ୍ୟ, ଭତ୍ତା, ବିଦ୍ୟୁତ୍, ପାଣି ଆଦି ସୁବିଧା ଯୋଗାଇ ଦେଉଥିଲା। ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଆନ୍ଧ୍ର ୬ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଜଙ୍ଗଲ ଜମିପଟ୍ଟା, ଏମ୍‌ଜିଏନ୍ଆରଇଜିଏସ୍‌ରେ ଲୋକଙ୍କୁ ରୋଜଗାର ଯୋଗାଇ ଦେଉଥିଲା। ଆମେ ଖୁସିରେ ଥିଲୁ। ମାତ୍ର ରାଇପାହାଡ ଗ୍ରାମକୁ ଅପହଞ୍ଚ ଥିବା ନନ୍ଦପୁର ବ୍ଲକ ଓ ଜିଲା ପ୍ରଶାସନ ଦିନେ ଅଧିକାରୀମାନଙ୍କୁ ନେଇ ରାଇପାହାଡ ଓ ଚାବୁଆରେ ପହଞ୍ଚି ବୈଠକ କରିଥିଲେ। ବ୍ଲକ, ତହସିଲ, ପୋଲିସ ପ୍ରଶାସନଙ୍କ ସମେତ କୋରାପୁଟ ଉପଜିଲାପାଳ ରାଇପାହାଡ ଗ୍ରାମ ଓଡ଼ିଶାର କହି ନଥିପତ୍ର ପ୍ରଦର୍ଶନ କରି ଆନ୍ଧ୍ରର ବେଆଇନ ଅନୁପ୍ରବେଶକୁ ରୋକିଥିଲେ। ପରେ ଆନ୍ଧ୍ରର ଆଲୁରି ସୀତାରମଣ (ଏଏସ୍ଆର) ଜିଲାପାଳ କୋରାପୁଟ ଜିଲ୍ଲାପାଳଙ୍କ ମଧ୍ୟରେ ଆଲୋଚନା ପରେ ଆନ୍ଧ୍ର ପ୍ରଶାସନ ରାଇପାହାଡ଼ ଗ୍ରାମକୁ ଅନୁପ୍ରବେଶ ବନ୍ଦ କରିଥିଲା। ହିତାଧିକାରୀ ଆନ୍ଧ୍ର ପ୍ରଦତ୍ତ ସମସ୍ତ ସରକାରୀ ଯୋଜନାରୁ ନିବୃତ ରହିବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତି ଏବେ ଆମକୁ ଅଡୁଆରେ ପକାଇଛି ବୋଲି ଆନ୍ଧ୍ରର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଥିବା ୬ ହିତାଧିକାରୀ ମୁଶରି ଖରା, ସୁରେଶ ହନ୍ତାଳ, ରାଜୁ ପାଙ୍ଗୀ, ରାଜାରାଓ ହନ୍ତାଳ, ଏଙ୍କଟ ରାଓ ଖିଲ, ସୁବାସ ଖରାଙ୍କ ସମେତ ରାଇପାହାଡ ଗ୍ରାମବାସୀ କହିଛନ୍ତ। ବିବାଦୀୟ ସ୍ଥିତିରେ ଥିବାବେଳେ ଦୁଇମାସ ତଳେ ଓଡ଼ିଶା ପକ୍ଷରୁ ପ୍ରତ୍ୟେହ ପ୍ରଶାସନିକ ଅଧିକାରୀ ରାଇପାହାଡ଼ ଗ୍ରାମକୁ ଆସି ଆମକୁ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ସମସ୍ତ ଯୋଜନାରେ ସାମିଲ କରିବାକୁ କହିଥିଲେ। ଗ୍ରାମରେ ବସବାସ କରୁଥିବା ୧୮ପରିବାରକୁ ବିଜୁ ପକ୍କାଘର ଯୋଜନାରେ ସାମିଲ କରି ଗୃହ ନିର୍ମାଣ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆନ୍ଧ୍ର ପ୍ରଦତ ବିଦ୍ୟୁତ୍ କାଟି ଓଡ଼ିଶା ସରକାରଙ୍କ ପକ୍ଷରୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯିବ, ସ୍କୁଲ ଅଙ୍ଗନୱାଡ଼ି କେନ୍ଦ୍ର, ରାସ୍ତା ଘାଟ ନିର୍ମାଣ ହେବ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ମାତ୍ର ଅଧିକାରୀଙ୍କ ସମସ୍ତ ପ୍ରତିଶ୍ରୁତି ଏବେ ଗ୍ରାମବାସୀଙ୍କ ପାଇଁ ପାଣିର ଗାର ହୋଇଛି। ଆନ୍ଧ୍ର ଫେରିଯିବା ପରେ ଓଡ଼ିଶା ପକ୍ଷରୁ ଆମକୁ ଅବହେଳା କରାଯାଉଛି। ଆନ୍ଧ୍ର ପ୍ରଦତ୍ତ ବଦ୍ୟୁତ୍ କାଟ ଯୋଗୁ ତିନିମାସ ହେଲା ଆମେ ଘରେ ଅନ୍ଧାରରେ ରହିଛୁ। ଓଡ଼ିଶା ପ୍ରଦତ ଆଲୋକରେ ରାସ୍ତା ଉଜ୍ଜଳ ହୋଇଛି। ଆବାସ ଗୃହ ନିର୍ମାଣ ନିମନ୍ତେ ଆନ୍ଧ୍ର ଦେଉଥିବା ଅନୁଦାନ ବନ୍ଦ ହେତୁ ଆମ ୬ ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିଛି। ଓଡ଼ିଶା ଆରଡି ବିଭାଗର ପକ୍କାରାସ୍ତା ନିର୍ମାଣ, ଜିଲା ପ୍ରଶାସନର ଅଙ୍ଗନୱାଡି କେନ୍ଦ୍ର, ସ୍କୁଲଗୃହ ନିର୍ମାଣ, ଟିପିଏସ୍‌ଓଡିଏଲ୍‌ର ଗାଁକୁ ବିଦ୍ୟୁତ୍ ସଂଯୋଗ କେବଳ ସରକାରଙ୍କ ପ୍ରତିଶ୍ରୁତିରେ ସୀମିତ ଅଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଜସକେତନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଉଭୟ ଅଧିକାରୀ କହିଥିଲେ, ସମସ୍ତ ପ୍ରତିଶ୍ରୁତି ଅନୁସାରେ ବିଭିନ୍ନ ଯୋଜନାରେ ପ୍ରକଳ୍ପ ପ୍ରସ୍ତୁତ କରି ଏଗୁଡିକର ବ୍ୟୟ ଅଟକଳ କରାଯାଇ ଅନୁମୋଦନ ପାଇଁ ଜିଲା ଓ ରାଜ୍ୟ ସ୍ତରକୁ ପଠାଯାଇଛି। ଅଦ୍ୟାବଧି ପାଣି ବରାଦ ଓ ଅଟକଳ ମଞ୍ଜୁରୀ ମିଳିନାହିଁ। ତ୍ୱରିତ ବ୍ୟବସ୍ଥା ସ୍ୱରୂପ ବିଦ୍ୟୁତ୍ ବିଭାଗ ସହ ଆଲୋଚନାକରି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ସହ ରାଇପାହାଡ ଗ୍ରାମର ବିକାଶ କରାଯିବ ବୋଲି ଉଭୟେ କହିଛନ୍ତି।

# ୨୯୫ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା



ଛାତ୍ରୀଛାତ୍ରମାନେ ଚକ୍ଷୁ ପରୀକ୍ଷା କରୁଛନ୍ତି।

**କୋରାପୁଟ,୧୧।୧୨(ଅମିତାଭ ବେହେରା)**

ସ୍କୁଲ ଚକ୍ଷୁ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ କୋରାପୁଟ ବ୍ଲକ ଓ ପୌରପାଳିକା ଅଞ୍ଚଳରେ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ର ଦୁଇଦିନ ଧରି ଚକ୍ଷୁ ପରୀକ୍ଷା କରି ଏହାର ସୁଯୋଗ ନେଇଛନ୍ତି। ସୋମବାର କୋରାପୁଟ ସହରସ୍ଥିତ ପୋଲିସ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏବିଇଓ ସୁଷମା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ପ୍ରଦୀପ ପାତ୍ର, ଇତିଶ୍ରୀ ସୁବୁଦ୍ଧି, ଜ୍ୟୋତି ପାଢ଼ୀ, ପ୍ରଧାନଶିକ୍ଷକ ଶରତ ଖୋସଲାଙ୍କ ସମେତ ତିନି ଜଣ ଚକ୍ଷୁ ସହାୟକ ଉପସ୍ଥିତ ଥିଲେ। ମୋଟ ୨୯୫ଜଣ ଛାତ୍ରୀଛାତ୍ର ଚକ୍ଷୁ ପରୀକ୍ଷା କରାଇଥିଲେ। ଦୃଷ୍ଟି ଦୋଷ ଥିବା ୯୯ଜଣ ପିଲାଙ୍କ ଚଷମା ପରୀକ୍ଷା ହୋଇଥିଲା। ୧୯ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଥିଲା। ସାମାନ୍ୟ ରୋଗଥିବା ପିଲାଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ପୂର୍ବରୁ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିଜନିଜ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ପରୀକ୍ଷା କରି ଦୃଷ୍ଟି ଦୋଷ ବା ଅନ୍ୟ ରୋଗଥିବା ପିଲାଙ୍କୁ ଶିବିରକୁ ଆଣିଥିଲେ। ରାଜ୍ୟ ସରକାରଙ୍କ 'ସୁନେତ୍ର' ଯୋଜନାରେ ଦୃଷ୍ଟି ଦୋଷ ଥିବା ପିଲାଙ୍କୁ ମାଗଣା ଚଷମା ପ୍ରଦାନ ସହ ଅନ୍ୟ ଚକ୍ଷୁରୋଗ ଭୋଗୁଥିବା ପିଲାଙ୍କ ମାଗଣାରେ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଜାତୀୟ ଅନ୍ଧତ୍ୱ ଦୂରୀକରଣ ଯୋଜନା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହଯୋଗରେ ଏହି କାର୍ଯ୍ୟକ୍ରମ ରାଜ୍ୟରେ ଚାଲୁ ରହିଛି। କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅୟୋଜିତ ଏହି ଶିବିରରେ ଜିଲା ସଦର ମହକୁମାର ଚକ୍ଷୁ ସହାୟକ ଅଶ୍ୱିନୀ ପାତ୍ର ଓ ମୁକ୍ତି ରଞ୍ଜନ ଜେନା, ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ ପିଲାଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ବିଇଓ ଶ୍ରୀକାନ୍ତ ଜାନ, ଇତିଶ୍ରୀ ସୁବୁଦ୍ଧି,ଏନପିସିବି ଡିଇଓ ଅଭିନବ ସାମଲ, ସିଆର୍‌ସିସି ହର ମିଶ୍ର, ସୁବୋଧ ମାଝୀ, ସ୍ୱାସ୍ଥ୍ୟକର୍ମୀ ପାନୁଏଲ୍ ପ୍ରଧାନ ପରିଚାଳନା କରିଥିଲେ।

## ବ୍ଲକ କାର୍ଯ୍ୟାଳୟକୁ ଖବରକାଗଜ ମନା

**ନନ୍ଦପୁର, ୧୧।୧୨(ଶଙ୍କର ପୂଜାରୀ)**

ନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ଖବରକାଗଜକୁ ବାରଣ କରାଯାଇଛି। ବିଡିଓ ଦୁର୍ଗାପ୍ରସାଦ ଦୋରା ବ୍ଲକ କର୍ମଚାରୀଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନନ୍ଦପୁର ପ୍ରେସ୍‌କ୍ଲବ ଓ ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ନିନ୍ଦା କରିଛନ୍ତି। ଏଭଳି ନିର୍ଦ୍ଦେଶ ଛପା ଗଣମାଧ୍ୟମ ପ୍ରତି ଅପମାନ ଦର୍ଶାଇ ଜିଲା ଓ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ କୋରାପୁଟ ଜିଲାପାଳ ଏବଂ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇବାକୁ ଖବରଦାତାମାନେ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ନିଜ ଯୋଜନାର ପ୍ରଚାରପ୍ରସାର ଓ ଲୋକଙ୍କ ଅବଗତି ନିମନ୍ତେ ବିଜ୍ଞାପନ ଦେଇ ଖବରକାଗଜରେ ପ୍ରକାଶ କରନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ କର୍ମଚାରୀ ଏବଂ ବ୍ଲକକୁ ଆସୁଥିବା ହିତାଧିକାରୀ ଏହି ଯୋଜନା ବିଷୟରେ ପ୍ରକାଶିତ ତଥ୍ୟ ଜାଣିବାରେ ସୁବିଧା ହୋଇଥାଏ। ଏହାକୁ ଗୁରୁତ୍ୱ ନ ଦେଇ ବିଡିଓ ବ୍ଲକ କାର୍ଯ୍ୟାଳୟକୁ ଖବରକାଗଜ ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବ୍ଲକରେ କାର୍ଯ୍ୟରତ ଖବରଦାତାମାନେ ପ୍ରତିବାଦ ସ୍ୱରୂପ ଆଗାମୀ ଦିନରେ ବ୍ଲକ ପ୍ରଶାସନ ଦ୍ୱାରା କରାଯିବାକୁ ଥିବା ସମସ୍ତ ସରକାରୀ କାର୍ଯ୍ୟକ୍ରମର ପ୍ରଚାରପ୍ରସାର ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶଙ୍କର ପୂଜାରୀ , ତୁଷାରକାନ୍ତ ମହାନ୍ତି, ତ୍ରିନାଥ ଖରା, ସୁରଜିତ ବିଶ୍ୱାଳ, ଅବଦୁଲ ରସିଦ ଖାନ, ଦୁର୍ଗାପ୍ରସାଦ ପାଢ଼ୀଙ୍କ ସମେତ ଅନ୍ୟ ଖବରଦାତାମାନେ ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ଦୋରାଙ୍କୁ ପଚାରିବାରୁ ସେ କହିଲେ, ଏଠାରେ କୌଣସି କର୍ମଚାରୀ ଖବରକାଗଜ ପଢୁନାହାନ୍ତି। ଯଦି କୌଣସି କର୍ମଚାରୀ ଖବରକାଗଜ ପଢ଼ିବାକୁ ଚାହୁଁଛନ୍ତି ତା'ହେଲେ ନିଜ ଖର୍ଚ୍ଚରେ କିଣି ନିଜ ଘରେ ପଢ଼ନ୍ତୁ ବୋଲି କହିଥିଲେ।

# ରାସ୍ତା ସମସ୍ୟା ନେଇ ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଦଶମନ୍ତପୁର,୧୧।୧୨(ଅରବିନ୍ଦ ନାୟକ)**



ବିଡିଓଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତର ରାସ୍ତା ସମସ୍ୟା ନେଇ ୨ଟି ଗ୍ରାମର ଲୋକ ସୋମବାର ବିଡିଓଙ୍କୁ ଭେଟିଛନ୍ତି। ପାଇକ ଫୁଲବେଡ଼ା ସଦର ଆର୍‌ଡି ଛକଠାରୁ ପ୍ରାୟ ୯ କି.ମି. ଦୂର କୁମୁଡ଼ାଗୁଡ଼ା ଏବଂ ଚାକର୍ଲି ଗ୍ରାମକୁ ରାସ୍ତା ନାହିଁ। ଫଳରେ ଯାତାୟାତରେ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶେଷରେ ସେମାନେ ବିଡିଓ ମିଲନ ଝଙ୍କରଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହିରାସ୍ତା ନିର୍ମାଣ ହେଲେ ପ୍ରାୟ ୫ ଖଣ୍ଡ ଗ୍ରାମର ଲୋକେ ଉପକୃତ ହେବେ ବୋଲି ଗ୍ରାମବାସୀ କହିଛନ୍ତି। ଖରା ଓ ଶୀତଦିନେ ଆମେ ଯେନତେନ ପ୍ରକାରେ ଚଳିଯାଉଛୁ, ମାତ୍ର ବର୍ଷାଋତୁରେ ନାହିଁ ନ ଥିବା ଅସୁବିଧା ଭୋଗୁଛୁ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ କେହି ଗୁରୁତର ଅସୁସ୍ଥ ହୋଇପଡ଼ିଲେ ଅବା ଗର୍ଭବତୀଙ୍କୁ ଦୋଳା ଏବଂ କାଉଡିରେ ଫୁଲବେଡ଼ା ଆର୍‌ଡି ଛକ ଯାଏ ବୋହିନେଇ ସେଠାରୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଇଥାଉ ବୋଲି ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଫୁଲବେଡ଼ା ଛକରୁ କୁମୁଡ଼ାଗୁଡ଼ା ଓ ଚାକର୍ଲି ଗ୍ରାମକୁ ରାସ୍ତା ବ୍ୟବସ୍ଥା କରାଯିବା ନେଇ ବିଡିଓ ଝଙ୍କର ପ୍ରତିଶ୍ରୁତି ଦେଇଛନ୍ତି।

## ବହୁ କୋଟି ମଦ ଟଙ୍କା ଜବତ ଘଟଣା ସରକାରଙ୍କୁ ଜବାବ ମାଗିଲା ଭାଜପା

**ଜୟପୁର,୧୧।୧୨(ପବନ ପାଣିଗ୍ରାହୀ)**

ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଶହ ଶହ କୋଟି ମଦ ଟଙ୍କା ଜବତ ହେଉଛି। ବିଜେଡ଼ି ସରକାରର ଅନୁକମ୍ପାରେ ଏହି ଟଙ୍କା ଜମା ହୋଇଥିବା ଅଭିଯୋଗ କରି ସୋମବାର ଜୟପୁରର ଭାଜପା ବିକ୍ଷୋଭ ପ୍ରଦର୍ଶନ କରିଛି। ରାଜ୍ୟ ସରକାର ରାଜ୍ୟରେ ମଦର ମହାନଦୀ ସୃଷ୍ଟି କରିଛନ୍ତି। ଏତେ ପରିମାଣରେ ଟଙ୍କା ଜଣେ ମଦ ବ୍ୟବସାୟୀଙ୍କ ନିକଟକୁ କିପରି ଆସିଲ ବୋଲି ଭାଜପା ସରକାରଙ୍କୁ ଜବାବ ମାଗିଛି। ନିକଟରେ ପ୍ରକାଶିତ ଏନସିଆରବି ରିପୋର୍ଟରେ ଓଡ଼ିଶାରେ ମହିଳା ବିରୋଧୀ ହିଂସା ଦେଶରେ ଏକ ନମ୍ବର ସ୍ଥାନରେ ଓଡ଼ିଶା ରହିଛି ବୋଲି ପ୍ରକାଶିତ ହୋଇଛ। ମଦର ବହୁଳ ପ୍ରସାର ଯୋଗୁ ଓଡ଼ିଶାର ଗ୍ରାମାଞ୍ଚଳଗୁଡିକରେ ଲୋକେ ନାହିଁ ନ ଥିବା ଅସ୍ଥି ଭୋଗୁଛନ୍ତି। ମଦ ବିରୋଧରେ ଏବେ ଓଡ଼ିଶାର ମହିଳାମାନେ ଏକାଠି ହେଲେଣି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ରାଜ୍ୟରେ ଜବତ ମଦଟଙ୍କା ବାବଦରେ ମୁଖ୍ୟମନ୍ତ୍ରୀ କାହିଁକି ନୀରବ ଅଛନ୍ତି ବୋଲି ଭାଜପା ପ୍ରଶ୍ନ ଉଠାଇଛି। ବିଜେଡ଼ି ନେତାଙ୍କ ସହ ଏହି ଅଣଓଡ଼ିଆ ମଦ ବ୍ୟବସାୟୀ 'ସାହୁ ବ୍ରଦର୍ସ ଆଣ୍ଡ୍ କୋ'ର ସମ୍ପର୍କ କ'ଣ ବୋଲି ଭାଜପା ଜାଣିବାକୁ ଚାହିଁଛି। ଏହି ଅବସରରେ ଭାଜପାର ଏକ ଶୋଭାଯାତ୍ରା ଉପଜଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ରାଧେଶ୍ୟାମ ପରିଡ଼ା, ବୈଦ୍ୟନାଥ ମିଶ୍ର, ଶିବାଜୀ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ମଧୁ ହିଆଲ, ଦୀନବନ୍ଧୁ ପ୍ରଧାନ, ଶିବ ପାଢ଼ୀ, ଶେଖର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓଷ୍ଟା ପକ୍ଷରୁ ମେଧାବୃତ୍ତି ଅନ୍ୱେଷଣ ପରୀକ୍ଷା



ସେମିଳିଗୁଡ଼ା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ବୃତ୍ତି ପରୀକ୍ଷା ଦେଉଛନ୍ତି।

**ସେମିଳିଗୁଡ଼ା/ସୁନାବେଡ଼ା ୧୧।୧୨ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)**

ଓଷ୍ଟା ପକ୍ଷରୁ ରାଜ୍ୟସ୍ତରୀୟ ମେଧାବୃତ୍ତି ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାରେ ସେମିଳିଗୁଡ଼ା ଆର୍‌କେ ବାଳିକା ବିଦ୍ୟାଳୟ ଓ ଜୟପୁର ସିଟି ହାଇସ୍କୁଲରେ ଏହି ବୃତ୍ତି ପରୀକ୍ଷା ହୋଇଥଲା। ଜିଲାର ୩୦ଟି ବିଦ୍ୟାଳୟରୁ ୧୮୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମଗ୍ର ରାଜ୍ୟର ୯୫୯୭ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଅଷ୍ଟମ ଶ୍ରେଣୀରେ ଯେଉଁ ଛାତ୍ରୀଛାତ୍ରମାନେ ୬୦ ପ୍ରତିଶତରୁ ଅଧିକ ରଖିଥିବେ ସେହିମାନେ ଏହି ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ସାହିତ୍ୟ, ଗଣିତ, ଇଂଲିଶ, ସାଧାରଣ ଜ୍ଞାନ, ସାମାଜିକ ବିଜ୍ଞାନ ଓ ମାନସିକ ଦକ୍ଷତା ଆଦି ବିଷୟରେ ପିଲାମାନଙ୍କ ଜ୍ଞାନ ପରୀକ୍ଷା କରାଯାଏ। ଏହି ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରୀଙ୍କୁ ରାଜ୍ୟ ଓଷ୍ଟା ପକ୍ଷରୁ ଅନୁଷ୍ଠିତ ଶିଶୁମେଳାରେ ସମ୍ବର୍ଦ୍ଧିତ କରାଯାଇ ବାର୍ଷିକ ୩ ହଜାର ଟଙ୍କା ପ୍ରଦାନ କରାଯିବ। ଆୟୋଜିତ ପରୀକ୍ଷାକୁ ଓଷ୍ଟାର ନନ୍ଦପୁର ବ୍ଲକ ସମ୍ପାଦକ ସୁଶୀଲ ନନ୍ଦ, ସେମିଳିଗୁଡ଼ା ବ୍ଲକ ସମ୍ପାଦକ ଧରଣୀଧର ବିଶୋୟୀ, କୋରାପୁଟ ବ୍ଲକ ସମ୍ପାଦକ ରମେଶ ପ୍ରଧାନ, ଆର୍‌କେ ବିଦ୍ୟାଳୟର କାଶୀନାଥ ଦାସ, ସମିତା ପଟ୍ଟନାୟକ, ମାନସୀ ଖେମୁଣ୍ଡି, ସରସ୍ୱତୀ ବେହେରା, ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭିକାରି ଚରଣ ବିଶ୍ୱାଳ, ବନମାଳୀପୁଟ ନିଆଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ ତ୍ରିପାଠୀ, ବିନୋଦ ବିହାରୀ ମହାରଣା, ପ୍ରସନ ଦାସ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ପୂର୍ଣ୍ଣ କାର୍ଯ୍ୟକ୍ଷମ ନେଇ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶ୍ରମିକ ସଂଘ

**ଜୟପୁର,୧୧।୧୨(ପବନ ପାଣିଗ୍ରାହୀ)**

**ସେବା କାଗଜ କଳ**

ଜୟପୁର ସେବା କାଗଜ କଳ କଞ୍ଚାମାଲ କେମିକାଲ ଅଭାବରୁ ପୁଣି ଗତ ଡିସେମ୍ବର ୪ରୁ ବନ୍ଦ ରହିଛି। ଏହା କେବେ ଚାଲିବ ତାର ଉତ୍ତର ମ୍ୟାନେଜମେଣ୍ଟ ଅଧିକାରୀମାନେ ଠିକ୍ ଭାବେ ଦେଉନାହାନ୍ତି। ଗତ ଜୁଲାଇ ୧୪ରେ କଞ୍ଚାମାଲ ଅଭାବରୁ ଉତ୍ପାଦନ ବନ୍ଦ ହୋଇ ରହିଥିଲା। ସରକାର ହସ୍ତକ୍ଷେପ କରି କାଗଜ କଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ଶ୍ରମିକମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଶ୍ରମିକ ସଂଘ ଦାବି କରିଛି। ଅକ୍ଟୋବର ମାସରେ କିଛି କଞ୍ଚାମାଲ ଯୋଗାଡ କରି କାଗଜକଳ ଚଳେଇବା ପାଇଁ କମ୍ପାନୀ ଉଦ୍ୟମ କରିବାରୁ ଶ୍ରମିକସଂଘ କର୍ମକର୍ତ୍ତାମାନେ ପ୍ରଥମେ ବର୍ତ୍ତମାନର ବକେୟା ଦରମା ଦିଅ, ପୂରା ଦରମା ହିସାବ କରି ପ୍ରତି ମାସରେ ଦେବା ପାଇଁ ଲିଖିତ ଭାବେ ଦେବାକୁ ଦାବି କରିଥିଲେ। ତେବେ ମ୍ୟାନେଜମେଣ୍ଟ ଜିଲାପାଳ, ଶ୍ରମ ବିଭାଗ ଦ୍ୱାରସ୍ଥ ହୋଇ ଶ୍ରମିକ ଓ ସଂଘକୁ ମ୍ୟାନେଜମେଣ୍ଟ ସର୍ତ୍ତ ମାନି କାଗଜକଳକୁ ଚଳେଇବାକୁ ବାଧ କରିବାରେ ସଫଳ ହୋଇଥିଲା। ଏକ ବୁଝାମଣା ପତ୍ରରେ ତିନୋଟି ୟୁନିୟନ କର୍ମକର୍ତ୍ତା ଦସ୍ତଖତ କଲେ ପରେ କାରଖାନା ନଭେମ୍ବର ୬ରୁ ଚାଲିଲା। ଏହା ପୁଣି ଡିସେମ୍ବର ୪ରୁ ବନ୍ଦ ରହିଛି। ଏହି ମାସେ ଭିତରେ କେବଳ ଗୋଟିଏ ମେଶିନ ୧୫ ଦିନ ମଧ୍ୟ ଚାଲିନାହିଁ। କାଠ ଯୋଗାଉଥିବା ସଂସ୍ଥାର ବକେୟା ପାଉଣା ମ୍ୟାନେଜମେଣ୍ଟ ନ ଦେବାରୁ ସଂସ୍ଥା କାଠ ଯୋଗାଣ ବନ୍ଦ କରଛି। ଏଭଳି ସ୍ଥିତିରେ ମ୍ୟାନେଜମେଣ୍ଟ ଜୁଲାଇ ମାସର ଦରମା ଅଧା ଶ୍ରମିକଙ୍କୁ ଦେଇଛି। ଏସମସ୍ତ ଘଟଣା ଅନୁଧ୍ୟାନ କରି କାଗଜ କଳ ଶ୍ରମିକ ସଂଘ ସଭାପତି ପ୍ରମୋଦ ମହାନ୍ତି ଓ ସାଧାରଣ ସମ୍ପାଦକ ପ୍ରଦୀପ ପାଣ୍ଡିଆ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ହସ୍ତକ୍ଷେପ କରିବାକୁ ଚିଠି ଲେଖିଛନ୍ତି। କାଗଜ କଳ ଶ୍ରମିକଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଏବଂ କାରଖାନାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଚଳେଇବା ପାଇଁ ମ୍ୟାନେଜମେଣ୍ଟ, ୟୁନିୟନ ପ୍ରତିନିଧି ଓ ରାଜ୍ୟ ସରକାରଙ୍କ ଶିଳ୍ପ, ଶ୍ରମ ବିଭାଗର ଏକ ମିଳିତ ବୈଠକ କରି ସମସ୍ୟା ସମାଧାନ କରିବାକୁ ସଭାପତି ମହାନ୍ତି ଦାବି କରିଛନ୍ତି। ଅନ୍ୟପକ୍ଷରେ ଡିସେମ୍ବର୧୬ରେ ରାଜ୍ୟ ସ୍ତରୀୟ ଶ୍ରମିକ ସମାବେଶରେ ସେବା କାଗଜ କଳ ସମସ୍ୟା ଉପରେ ଆଲୋଚନା ହେବ। ଏକ ପ୍ରତନିଧି ଦଳ ମୁଖ୍ୟ ଶାସନସଚିବ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଏଆଇଟିୟୁସି ନେତୃତ୍ୱରେ ଭେଟିବା ପାଇଁ ସ୍ଥିର ହୋଇଥିବା ମହାନ୍ତି କହିଛନ୍ତି ।

# ଅବିଭକ୍ତ କୋରାପୁଟ ଜିଲାରେ ତେଜସ୍ୱୀ ଦ୍ୱିତୀୟ

**ଜୟପୁର,୧୧।୧୨(ପବନ ପାଣିଗ୍ରାହୀ)**

**ପାୱାର ଲିଫ୍ଟିଙ୍ଗ ପ୍ରତିଯୋଗିତା**



କୋଚ୍‌ଙ୍କ ସହ ତେଜସ୍ୱୀ।

ଅବିଭକ୍ତ କୋରାପୁଟ ଜିଲା ପାୱାର ଲିଫ୍ଟିଙ୍ଗ ଆସୋସିଏଶନ ପକ୍ଷରୁ କୋରାପୁଟରେ ଆୟୋଜିତ ପ୍ରତିଯୋଗିତାରେ ଜୟପୁର ସହରର ତେଜସ୍ୱୀ ଚୌଧୁରୀ (୧୫) ୧୦୫ କିଲୋ ବର୍ଗରେ ଅଂଶଗ୍ରହଣକରି ସଫଳତା ପାଇଛନ୍ତି। ପାୱାର ଲିଫ୍ଟିଙ୍ଗ, ଡେଡ୍ ଲିଫ୍ଟିଙ୍ଗ ବେଞ୍ଚ ପ୍ରେସ୍ ଏବଂ ସ୍କ୍ୱାଇଡ୍ ପ୍ରତିଯୋଗିତାରେ ସାମିଲହୋଇ ସେ ୨୫୦ ନମ୍ବର ହାସଲ ସହ ଅବିଭକ୍ତ କୋରାପୁଟ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାରକରି ପୁରସ୍କୃତ ହୋଇଛନ୍ତି। ସାରା ରାଜ୍ୟରେ ପ୍ରଥମ କରି ସର୍ବକନିଷ୍ଠ ବର୍ଗର ୧୫ ବର୍ଷ ବୟସ୍କ ଖେଳାଳି ରୂପେ ତେଜସ୍ୱୀ ବରିଷ୍ଠ ବର୍ଗରେ ଏହି କୃତିତ୍ୱ ହାସଲ କରିଛନ୍ତି। କନିଷ୍ଠ ହୋଇ ବରିଷ୍ଠ ବର୍ଗରେ ନିଜକୁ ସାମିଲକରି ସଫଳତା ପାଇବା ରାଜ୍ୟର ବରିଷ୍ଠ ଖେଳାଳିମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ମାଷ୍ଟର୍ସ ବର୍ଗରେ ବିଶ୍ୱନାଥ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ପୋଲିସ ବିଭାଗରେ କାର୍ଯ୍ୟରତ ଦିଲୀପ ନାୟକ ଅଛନ୍ତି। ଏହି ଅବସରରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ରଘୁରାମ ପଡ଼ାଲ ଯୋଗଦେଇ କମ୍ ବୟସରେ ତେଜସ୍ୱୀଙ୍କ କୃତିତ୍ୱ ସମ୍ପର୍କରେ ଜାଣି ତାଙ୍କୁ ପ୍ରଶଂସାକରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ତେଜସ୍ୱୀଙ୍କ ପ୍ରଶିକ୍ଷକ ବିଶ୍ୱନାଥ ନାୟକ। ତାଙ୍କଠାରୁ ସେ ପ୍ରଶିକ୍ଷଣ ନେଇଥାନ୍ତି ବୋଲି ଜଣାପଡ଼ିଛି।

# ଖରିଫ ଧାନ ସଂଗ୍ରହ ନେଇ ଚାଷୀ ସଚେତନତା ରଥ ଉଦ୍‌ଘାଟିତ

**କୋରାପୁଟ,୧୧।୧୨(ଅମିତାଭ ବେହେରା)**

ଖରିଫ ଧାନ ସଂଗ୍ରହ ନେଇ ସୋମବାର ଦୁଇଟି ସଚେତନତା ରଥ କୋରାପୁଟ ଉପଖଣ୍ଡର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ। ଏନେଇ ସଚେତନତା ରଥକୁ ଉପଜିଲାପାଳ ବେଣୁଧର ଶବର ମୁଖ୍ୟ ଅତିଥି ଭାବେ ସବୁଜ ପତାକା ଦେଖାଇ ନିଜ କାର୍ଯ୍ୟାଳୟ ପରିସରରେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆରଏମସି ସମ୍ପାଦକ ଅରୁଣ ଜେନା, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶମ୍ଭୁନାଥ ହରପାଳ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଆସନ୍ତା ତିନି ଦିନ ଧରି କୋରାପୁଟ ଉପଖଣ୍ଡର ସମସ୍ତ ଅଞ୍ଚଳ ବୁଲି ମାଇକ ଯୋଗେ ଧାନ ଚାଷୀଙ୍କୁ ଆସନ୍ତା ୧୪ ତାରିଖରେ ଉପଖଣ୍ଡର ୨୮ ଟି ମଣ୍ଡିରେ ସେମାନଙ୍କ ଉତ୍ପାଦିତ ଧାନ ବିକିବାକୁ ସଚେତନତା କରିବ। ପ୍ରଫୁଲ୍ଲ ଦେବତା, ଭରତ ବେହେରା, ବିନୋଦ ପଟ୍ଟନାୟକ, ଅଜୟ ସେଠୀ, ପ୍ରଦୀପ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।




ଉଦ୍‌ଘାଟିତ ହୋଇଥିବା ଚାଷୀ ସଚେତନତା ରଥ।

# କୁଟୁଣିପଦରରେ ପୂଜା ପାଉଛନ୍ତି ସହସ୍ର ଶିବଲିଙ୍ଗ

**ଲକ୍ଷ୍ମୀପୁର ୧୧।୧୨ (ଅନନ୍ତ ନାୟକ)**

- ଲକ୍ଷ୍ମୀପୁର ଦର୍ଶନୀୟ ସ୍ଥାନ
- ପୀଠର ଉନ୍ନତି କେବଳ ରାଜନୈତିକ ପ୍ରତିଶ୍ରୁତିରେ ସୀମିତ



କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଞ୍ଚଳର କୁଟୁଣିପଦର ହେଉଛି ଏକ ଆକର୍ଷଣୀୟ ଦର୍ଶନୀୟ ସ୍ଥଳ। ଏଠାରେ ପୂଜା ପାଉଛନ୍ତି ସହସ୍ର ଶିବଲିଙ୍ଗ। ଏହା ଦେଖିବାକୁ ବିଭିନ୍ନ ସମୟରେ ଏଠାରେ ପର୍ଯ୍ୟଟକମାନଙ୍କ ବେଶ୍ ଭିଡ ଜମୁଛି। ଲକ୍ଷ୍ମୀପୁର ସଦର ମହକୁମାରୁ ୧୨ କି.ମି. ଆସିବା ପରେ ଜାତୀୟ ରାଜପଥ-୩୨୬ରୁ ଡାହାଣ ପାର୍ଶ୍ୱରେ ୪ କି.ମି. ଅଣ ଓସାରିଆ ରାସ୍ତାରେ ଗଲେ ପହଞ୍ଚିହୁଏ କୁଟୁଣିପଦର ମୁକ୍ତେଶ୍ୱର ଶୈବପୀଠରେ। ଏଠାରେ ସହସ୍ର ଶିବଲିଙ୍ଗ ଛୋଟିଆ ପାହାଡ ଏବଂ ଗୁମ୍ଫା ମଧ୍ୟରେ ବିରାଜମାନ କରିଛନ୍ତି। ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ପ୍ରସ୍ତର ମୂର୍ତ୍ତି ସହ ସହସ୍ର ଶିବଲିଙ୍ଗ ଗୁମ୍ଫା ମଧ୍ୟରେ ଦେଖିବାକୁ ମିଳେ। ମନ୍ଦିରରେ ଶିବ ଲିଙ୍ଗ ସହ ଅନନ୍ତ ଶୟନ ପ୍ରତିମା ବେଶ୍ ସୁନ୍ଦର ଓ ଚିତ୍ତାକର୍ଷକ। ଗୁମ୍ଫା ମଧ୍ୟରେ ପ୍ରତିମା ଗଠନ ଶୈଳୀ, କଳାକୃତି ପ୍ରକୃତିପ୍ରେମୀ ଓ ଦର୍ଶକ ମାନଙ୍କୁ ଆକୃଷ୍ଟ କରେ। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡରୁ ବହୁ ପର୍ଯ୍ୟଟକ ଏହି ସ୍ଥାନକୁ ବର୍ଷସାରା ଆସିଥାନ୍ତି। ପ୍ରାକୃତିକ ପରିବେଶରେ ଭରା ଏହି ପୂଜାସ୍ଥଳୀ ଏବେ ବି ଅବହେଳିତ ଅବସ୍ଥାରେ ରହିଛି। ସରକାରଙ୍କ ପକ୍ଷରୁ ଏଯାଏ ପୀଠର ଆଖିଦୃଶିଆ ବିକାଶ ହୋଇନାହିଁ। ଏଠାରେ ରହିବା ପାଇଁ ଆଶୟସ୍ଥଳୀ, ପାନୀୟ ଜଳ ବ୍ୟବସ୍ଥା, ଯାନବାହନ ପାର୍କିଂ ଆଦି ପାଇଁ କୌଣସି ସୁବିଧା ନାହିଁ। ପୀଠର ଉନ୍ନତି କେବଳ ରାଜନୈତିକ ପ୍ରତିଶ୍ରୁତିରେ ସୀମିତ ରହିଛି। ତେବେ ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ ସେମାନଙ୍କ ମାନସିକ ପୂରଣ ହୋଇଛି ବୋଲି କହନ୍ତି। ଏଠାରେ କାର୍ତ୍ତିକ ଓ ଶ୍ରାବଣ ମାସ ସଂକ୍ରାନ୍ତି ଓ ଶିବରାତ୍ରିରେ ପ୍ରବଳ ଜନସମାଗମ ହୋଇଥାଏ।

**ସଂକ୍ଷେପରେ**

## ଆଇଇଡି ବୋମା ବିସ୍ଫୋରଣରେ ୨ ଯବାନ ଆହତ

ମାଲକାନଗିରି,୧୧।୧୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍ମା ଜିଲାରେ ମାଓବାଦୀମାନେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟକରି ଆଇଇଡି ବୋମା ବିସ୍ଫୋରଣ କରିଥିଲେ। ଏଥିରେ ୨ ଯବାନ ଆହତ ହୋଇଛନ୍ତି। ସୁକ୍ମା ଜିଲା ପୋଲିସ, କୋବ୍ରା ଏବଂ ସିଆର୍‌ପିଏଫ୍‌ର ଯବାନ ଜିଲାର ସଲାତଙ୍ଗ ଅଞ୍ଚଳରେ ସଡକ ନିର୍ମାଣ କାର୍ଯ୍ୟକୁ ସୁରକ୍ଷା ଦେବାକୁ ଅପରେଶନ କରୁଥିଲେ। ଏହି ସମୟରେ ମାଓବାଦୀମାନେ ପୂର୍ବରୁ ଖଞ୍ଜିଥିବା ଏକେ ଆଇଇଡି ବୋମା ବିସ୍ଫୋରଣ ଘଟିଥିଲା। ଏହି ଘଟଣାରେ ୨ ଜଣ ଯବାନ ଆହତ ହୋଇଥିଲେ। ତେବେ ଆହତଙ୍କ ମଧ୍ୟରୁ ଜଣେ ଗୁରୁତର ଥିବା ବେଳେ ୨ ଆହତଙ୍କୁ ହେଲିକପ୍ଟର ଯୋଗେ ରାୟପୁର ଚିକିତ୍ସାଳୟକୁ ନିଆଯାଇଛି ।

## ନାବାଳିକା ନିଖୋଜ ଘଟଣାରେ ତେଲୁଗୁ ସମାଜର ଏତଲା

ପଡିଆ, ୧୧।୧୨(ଭାସ୍କର ରାଓ )

ଦୀର୍ଘ ଦିନ ଧରି ଜଣେ ନାବାଳିକା ନିଖୋଜ ଘଟଣାରେ ତେଲୁଗୁ ସମାଜ ପକ୍ଷରୁ ସୋମବାର ଥାନାରେ ଅଭିଯୋଗ କରାଯାଇଛି। ନିଖୋଜ ନାବାଳିକା ଜଣଙ୍କ ହେଉଛନ୍ତି ସ୍ଥାନୀୟ ପଡିଆ ଅଞ୍ଚଳର ତେଲୁଗୁ ସମ୍ପ୍ରଦାୟ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ ରେ ପଢୁଥିବା ଛାତ୍ରୀ L ପରିବାରବର୍ଗ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଛାତ୍ରୀ ଜଣକ ଗତ ୧୭ ତାରିଖ ସକାଳ ୧୦ଟାରେ ଖ୍ରୀଷ୍ଟିଆନ ସାହିର ଜଣେ ଝିଅ ସହ କଲେଜକୁ ଯାଇଥିଲେ। ସେଠାରୁ ଆଉ ତେଲୁଗୁ ଝିଅଟି ଘରକୁ ଫେରି ନ ଥିଲେ। ପରିବାର ବର୍ଗ ୨ ଦିନ ଧରି ବନ୍ଧୁ ବାନ୍ଧବ ଘରେ ଖୋଜା ଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ପରେ ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ, ପଡିଆ ଗ୍ରାମର ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇ ଯାଇଛନ୍ତି। ପରେ ମୋବାଇଲରେ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲା କିନ୍ତୁ ତାହା ବନ୍ଦ ରହିଛି L ତୁରନ୍ତ ଝିଅକୁ ଖୋଜି ଆଣିବାକୁ ସମାଜ ପକ୍ଷରୁ ତେଲେଙ୍ଗା ସମାଜ ସଭାପତି କେ. ଚନ୍ଦ୍ରୟା, ସମ୍ପାଦକ ସତ୍ୟନାରାୟଣ ମାଝି, କେ. ନରସିଂହ ରାଓ, ମାଝୀ ରାମା ରାଓ,କିତୁମୁଲୁ କୋଟାମ ଏନକାୟାଗ୍ରାମର ମୁଖିଆ କେ. ଭେଙ୍କେଟେଶ୍ୱର ରାଓ ପ୍ରମୁଖ ଦାବି କରିଛନ୍ତି ।

## ଜନଜାତି ସୁରକ୍ଷା ମଞ୍ଚ ଡାବୁଗାଁ ମଣ୍ଡଳ ବୈଠକ

ଡାବୁଗାଁ, ୧୧।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଜନଜାତି ସୁରକ୍ଷା ମଞ୍ଚ ମଣ୍ଡଳସ୍ତରୀୟ ବୈଠକ ଡଙ୍ଗରିଗୁଡ଼ାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଜନଜାତି ପ୍ରତିନିଧି ଦେବିସିଂ ପୂଜାରୀ ବ୍ଲକର ୧୨ ପଞ୍ଚାୟତର ସମସ୍ତ ଜନଜାତି ବର୍ଗର ବ୍ୟକ୍ତିଙ୍କୁ ସ୍ୱାଗତକରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ୨ଟି ପ୍ରସ୍ତାବ ଆଗତ କରାଯାଇଥିଲା। ପୂର୍ବରୁ ଗଠନ କରାଯାଇଥିବା ଡାବୁଗାଁ ମଣ୍ଡଳ ଜନଜାତି ସୁରକ୍ଷା ମଞ୍ଚକୁ ଭଙ୍ଗ କରିବାକୁ ସ୍ଥିର କରାଯାଇଛି। ଏହା ପରେ ନୂତନ ମଣ୍ଡଳସ୍ତରୀୟ ଜନଜାତି ସୁରକ୍ଷା ମଞ୍ଚ କମିଟି ଗଠନ କରିବା ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଛି। ମୋହନସିଂ ଗଣ୍ଡ ସଭାପତି, ପୁଲସିଂ ଜାନି ଉପସଭାପତି, ରାଇସିଂ ପୂଜାରୀ ସମ୍ପାଦକ, ରମେଶ ମାଝି ସହସମ୍ପାଦକ, ଦୟାନିଧି ବଞ୍ଜରା କୋଷାଧକ୍ଷ ଓ ଉପଦେଷ୍ଟା ମଣ୍ଡଳୀରେ ନରସିଂ ମାଝି, ହିରଣ୍ୟ ମାଝି, ରାମକୁମାର ଗଣ୍ଡ, ଦୟାନିଧି ଭତ୍ରା, ଶୁକ୍ରୁ ଭତ୍ରା, ନୀଳାଦି ମାଝି, ମୋହନ ନାୟକ, କର୍ଣ୍ଣ ମାଝିଙ୍କୁ ଚୟନ କରାଯାଇଛି। ଏଥିରେ ୧୨ ପଞ୍ଚାୟତରୁ ଜନଜାତିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ମାଲ୍ୟବନ୍ତ ମହୋତ୍ସବ ପାଇଁ ମିନି ମାରାଥନ୍ ପ୍ରତିଯୋଗିତା

ମାଲକାନଗିରି,୧୧।୧୨(ଦୁର୍ଯ୍ୟୋଧନ ପାତ୍ର)



ଜିଲାସ୍ତରୀୟ ମିନି ମାରାଥନକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ମାଲକାନଗିରି ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ଏମ୍‌ଭି ୧୧ ଗ୍ରାମରୁ ଜିଲା ସଦରରେ ଥିବା ବୁଟିଗୁଡ଼ା ୟୁଜିଏମ୍‌ଇ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ମିନି ମାରାଥନ୍ ଆୟୋଜିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜଲାପାଳ (ରଜସ୍ୱ) ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହୋତ୍ସବରେ କଳା ଓ ସଂସ୍କୃତିର ବିକାଶ ସାଙ୍ଗକୁ ସାମଗ୍ରିକ ବିକାଶର ମହତ୍ତ୍ୱ ଉଦ୍ଦେଶ୍ୟ ରଖି ଉତ୍ତମ ସ୍ୱାସ୍ଥ୍ୟ ଗଠନ ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ପ୍ରଧାନ ମତ ରଖିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ (ସାଧାରଣ) ତ୍ରିନାଥ ମାଝି ଓ ଉପଜିଲାପାଳ, ଡ.ଅକ୍ଷୟ କୁମାର ଖେମୁଣ୍ଡୁ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ମାରାଥନରେ ୪୦୦ ରୁ ଅଧିକ ପ୍ରତିଯୋଗୀ ସାମିଲ ହୋଇଥିଲେ। ବିଶେଷ ଭାବେ ଓଡ଼ିଶା ପୋଲିସ ଓ ମାଲକାନଗିରିରେ ନିୟୋଜିତ ସୀମା ସୁରକ୍ଷା ବଳ ଯବାନମାନେ ଏଥିରେ ଭାଗ ନେଇଥିଲେ ।

ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମାଲ୍ୟବନ୍ତ ମୁଖ୍ୟ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ଆଇଆଇସି ରିଗାନ କିଣ୍ଡୋ, ଜିଲା ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ଜିଲା ଯୁବ ଅଧିକାରୀ ହରିଶ ରୂପଲ, ଜିଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ରଞ୍ଜନ ମହାନ୍ତି, ହରେକୃଷ୍ଣ କୀର୍ତ୍ତନିଆ, ବିନାଶ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀଙ୍କ ସମେତ ସମସ୍ତ କ୍ରୀଡ଼ା ପ୍ରଶିକ୍ଷକ ଓ କ୍ରୀଡ଼ା ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

# ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ଲୋକ ସଙ୍ଗୀତ ପ୍ରତିଯୋଗିତା

ମାଲକାନଗିରି,୧୧।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଂସ୍କୃତି ପରିଷଦ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନରେ ଆଦିବାସୀ ଗୀତ ତଥା ଲୋକଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ବେଦବର ପ୍ରଧାନ, ଅତିରିକ୍ତ ଜିଲାପାଳ (ସାଧାରଣ) ତ୍ରିନାଥ ମାଝି, ଉପଜିଲାପାଳ ତଥା ମାଲ୍ୟବନ୍ତ ସାଂସ୍କୃତିକ କମିଟିର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ଖେମୁଣ୍ଡୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଜିଲାର ସମସ୍ତ ବ୍ଲକରୁ ବହୁ ସଂଖ୍ୟାରେ କଳାକାର ଭାଗନେଇ ହଜିଯାଉଥିବା ପାରମ୍ପରିକ ଲୋକଗୀତ ନିଜ ପାରମ୍ପରିକ ବାଦ୍ୟଯନ୍ତ୍ର ମାଧ୍ୟମରେ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ଭାଗନେଇଥିବା କଳାକାର ତଥା ଆଦିବାସୀ ନାଟଗୁରୁଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଯଥା କ୍ରମେ ୫୦୦୦ ଟଙ୍କା, ୩୦୦୦ ଟଙ୍କା, ୨୦୦୦ ଟଙ୍କା ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଇ ପରିପ୍ରେକ୍ଷୀରେ ବିଚାରକ ଭାବେ ଅବିଭକ୍ତ କୋରାପୁଟ ଜିଲାର ସ୍ୱନାମଧନ୍ୟ ଗୀତିକାର ଶ୍ରୀତମ ସାମନ୍ତରାୟ, ସୁରେଶ ରାଉତ ଓ ଘେନୁ ମୁଦୁଲି ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ଶଶାଙ୍କ ମିଶ୍ର, ଜିଲା ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ସେକ୍ସନ ଅଧିକାରୀ ଶ୍ୟାମସୁନ୍ଦର ନାୟକ, ଜିଲା ସଂସ୍କୃତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥଲେ। ଶେଷରେ ମାଲକାନଗିରି ବିଡିଓ ପ୍ରଭାତୀ ଖୋଡ଼ିଆ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ଧୂସର ଜଳ ପରିଚାଳନା ପ୍ରଶିକ୍ଷଣ ଶିବିର




ଜଳ ପରିଚାଳନା ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି ।

ମାଲକାନଗିରି,୧୧।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ସଂସ୍କୃତି ଭବନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଜିଲାର ଦୁଇଟି ପୌରାଞ୍ଚଳ ଯଥା ମାଲକାନଗିରି ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ ବାଲିମେଳାର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଧୂସର ଜଳ ପରିଚାଳନା ପ୍ରକଳ୍ପ ନିମନ୍ତେ ଏକ ତାଲିମ ଶିବିରର ସୋମବାର ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ପ୍ରଭାତ କୁମାର ମହାପାତ୍ର, ମାଲକାନଗିରି ପୌର ପରିଷଦ ଏବଂ ବାଲିମେଳା ଏନ୍‌ଏସି ଅଧକ୍ଷ, ଉପାଧକ୍ଷା, ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଓ ଅନ୍ୟମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହା ନିର୍ବାହୀ ଅଧିକାରୀ ପ୍ରଭାତୀ ଖୋଡ଼ିଆଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିବା ବେଳେ ଷ୍ଟେଟ୍ ପିଏମ୍‌ଇଉର ହେମନ୍ତ କୁମାର ପଣ୍ଡା ତାଲିମ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌରାଞ୍ଚଳର ବାସିନ୍ଦା କିଭଳି ସୁସ୍ଥ ପରିବେଶ ମଧ୍ୟରେ ବସବାସ କରିବେ ସେ ବିଷୟରେ ତାଲିମ ଦିଆଯାଇଥିଲା।

# ବିଜୁ ମହିଳା ଜନତା ଦଳର ବ୍ଲକସ୍ତରୀୟ ସଭାପତି ନିଯୁକ୍ତି

ମାଲକାନଗିରି,୧୧।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ପ୍ରତି ବ୍ଲକରେ ମହିଳା ସଙ୍ଗଠନକୁ ସୁଦୃଢ଼ କରିବା ସହ ତୃଣମୂଳସ୍ତରରୁ କାର୍ଯ୍ୟ କରିବା ପାଇଁ ପ୍ରତି ବ୍ଲକ ନିମନ୍ତେ ବିଜୁ ମହିଳା ଜନତା ଦଳର ବ୍ଲକ ସଭାପତିଙ୍କୁ ଚୟନ କରାଯାଇଛି। ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ଚୟନ କରିଥିବା ବେଳେ ଏନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହି କ୍ରମରେ ମାଥିଲି ବ୍ଲକ ନିମନ୍ତେ ଟିଙ୍କି ମଲ୍ଲିକ, ଖଇରପୁଟରେ ସାବିତ୍ରୀ ମୁଦୁଲି, ଚିତ୍ରକୋଣ୍ଡା ବ୍ଲକରେ ଲକ୍ଷ୍ମୀ ମାଣ୍ଡି, ମାଲକାନଗିରି ବ୍ଲକରେ ସମାରି ମାଡକାମୀ, କାଲିମେଳା ବ୍ଲକରେ ବର୍ଣ୍ଣାଳୀ କୀର୍ତ୍ତନୀୟା, କୋରୁକୋଣ୍ଡା ବ୍ଲକରେ ମିଥୁ ସରକାର ଓ ପଡିଆ ବ୍ଲକରେ ଦେବେ ମାଡ଼ିଙ୍କୁ ବ୍ଲକ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ମାଲକାନଗିରି ଜିଲା ବିଜୁ ମହିଳା ଜନତା ଦଳର ପର୍ଯ୍ୟବେକ୍ଷକ ଭାବେ ଲୋରା ମହାପାତ୍ରଙ୍କୁ ଚୟନ କରାଯାଇଛି। ନୂତନ ଭାବେ ଚୟନ ହୋଇଥିବା ଏହି ବ୍ଲକ ସଭାପତିମାନଙ୍କୁ ଜିଲାର ଦଳୀୟ କର୍ମୀ ଓ ନେତୃ ମଣ୍ଡଳୀ ଶୁଭେଚ୍ଛା ଜ୍ଞାପନ କରିଥିବା ବେଳେ ଏହାଦ୍ୱାରା ଦଳ ଆଗାମୀ ଦିନରେ ଆହୁରି ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ।

# ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ରଥକୁ ଭବ୍ୟ ସମ୍ବର୍ଦ୍ଧନା

ମାଲକାନଗିରି,୧୧।୧୨(ଦୁର୍ଯ୍ୟାଧାନ ପତ୍ର)



ଅକ୍ଷତ ରଥକୁ ସ୍ୱାଗତ କରାଯାଉଛି ।

କୁଡୁମୁଲୁଗୁମ୍ମାରେ ଅଯୋଧ୍ୟାରୁ ଆସିଥିବା ଅକ୍ଷୟ ଚାଉଳ ରଥର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ହୋଇଯାଇଛି। ଖଇରପୁଟ ଖଣ୍ଡରୁ ଅକ୍ଷତ ଚାଉଳ ଧରି ଏକ ବାଇକ୍ ଶୋଭାଯାତ୍ରାରେ ବାହାରି କୁଡୁମୁଲୁଗୁମ୍ମାରେ ଅପରାହ୍ନ ୬ ଟାରେ ପହଞ୍ଚିଥିଲା। ଯେଉଁଠି ଗ୍ରାମର ସ୍ତ୍ରୀ ଲୋକମାନେ ଶଙ୍ଖ ଫୁଙ୍କି ଓ ହୁଳହୁଳି ପକାଇ ରଥକୁ ବନ୍ଦାପନା କରିଥିଲେ। ଶୋଭାଯାତ୍ରା ବେଳେ ସ୍ଥାନୀୟ ବାସିନ୍ଦାମାନେ ଘର ଆଗରେ କଳସ ବସାଇ, ଦୀପ ଜଳାଇ ସ୍ୱାଗତ କରିଥିଲେ। ଏହି ଯାତ୍ରାର ସୁଗମ ବ୍ୟବସ୍ଥା ପାଇଁ କୁଡୁମୁଲୁଗୁମ୍ମାର ଭଗବାନ ସାହୁ, ଡମ୍ବ ଅଦବାରୀ, ଗୋପୀନାଥ ଦାସ, ରମେଶ ଚନ୍ଦ୍ର ନେଲୁର, ରବୀନ୍ଦ୍ର ରଥ,ଅଜୟ କୁମାର ପଟ୍ଟନାୟକ, ଜ୍ୟୋତିରଞ୍ଜନ ବେହେରା, ସୁଶାନ୍ତ କୁମାର ରଥ, ବିଦ୍ୟାଧର ସାହାଣୀ ଓ ରମାକାନ୍ତ ଧାକଡ ପ୍ରମୁଖ ସହଯୋଗ କରିଥିଲେ ।

# ଅଙ୍ଗନୱାଡି କେନ୍ଦ୍ରରେ ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ

## ବିଡିଓଙ୍କୁ କଂଗ୍ରେସର ଦାବିପତ୍ର



ରାଇଘର,୧୧।୧୨(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଆଦିବାସୀ ବହୁଳ ଅଞ୍ଚଳ ରାଇଘର ବ୍ଲକରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ନିମ୍ନମାନର ଛତୁଆ ବଣ୍ଟନ ହେଉଥିବା ସୋମବାର କଂଗ୍ରେସ କର୍ମୀମାନେ ଅଭିଯୋଗ କରିଛନ୍ତି। ସେମାନେ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ଦୀର୍ଘ ବର୍ଷ ହେବ ରାଇଘର ଅଞ୍ଚଳରେ ଏକ ଏସ୍‌ଏଚ୍‌ଜି ଗ୍ରୁପ୍ ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ବଣ୍ଟନ କରୁଛି। ବିଭାଗୀୟ ଅଧିକାରୀ, ସିଡିପିଓ ଏବଂ ସମସ୍ତ ସୁପରଭାଇଜରଙ୍କ ତଦାରଖ ଅଭାବ ପାଇଁ ଛତୁଆ ନିର୍ମାଣକାରୀ ସଂସ୍ଥା ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ନିମ୍ନମାନର ଛତୁଆ ବଣ୍ଟନ କରୁଥିବା ଦାବିପତ୍ରରେ ଉଲେଖ ରହିଛି | ଏହି ଛତୁଆ ପ୍ୟାକେଟକୁ ହାତରେ ଧରି ବ୍ଲକ କାର୍ଯ୍ୟାଳୟ ଆଗରେ କଂଗ୍ରେସର ସନରାଜ ଗଣ୍ଡ ଓ କର୍ମୀ ଦାବିପତ୍ର ଦେଇଛନ୍ତି। ଏହାର ତୁରନ୍ତ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଛନ୍ତି।

# ସରସ୍ୱତୀ ଶିଶୁମନ୍ଦିରରେ ବାର୍ଷିକ କ୍ରୀଡା ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ।

ବାଲିମେଳା,୧୧।୧୨(ଶିବଦତ୍ତ ସାହୁ)

ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ୨୯ତମ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ଏହା ଦୁଇଦିନ ଧରି ଚାଲିବ। ଉଦ୍‌ଘାଟନି ଉତ୍ସବରେ ମୁଖ୍ୟ ଅତିଥିଭାବେ ଚିତ୍ରକୋଣ୍ଡା ଏସ୍‌ଡିପିଓ ଆଲେକ୍ସ କ୍ରିସ୍ପୋଟା, ବିଏସ୍‌ଏଫ ସେକେଣ୍ଡ କମାଣ୍ଡାଣ୍ଟ ଗୌରବ ମହାଜନ,ମାଲକାନଗିରି ସାମ୍ଭାଦିକ ସଂଘ ସଭାପତି ଦେବ ପ୍ରସାଦ ଦାସ, ଶିଶୁ ମନ୍ଦିର କୋଷାଧକ୍ଷ ରଞ୍ଜିତ ଦାସଶ୍ରୀ, ସମ୍ପାଦକ ବିଜୟ କୁମାର ରାଉତ ଏବଂ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ସାମଲ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି କ୍ରିସ୍ପୋଟାଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ଓ କ୍ରୀଡା ପତାକା ଉତ୍ତୋଳନ କରାଯାଇଥିଲା। ବିଏସଏଫ କମାଣ୍ଡାଣ୍ଟ ଗୌରବ ମହାଜନଙ୍କ ଦ୍ୱାରା ମଶାଲ ସ୍ଥାପନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ଶିଶୁଙ୍କ ଉପସ୍ଥିତିରେ ଉଦ୍‌ଘାଟନ ମନ୍ତ୍ର ଓ ଖେଳର ନିୟମ ଶପଥ ପାଠ ପରେ ବିଭିନ୍ନ ପ୍ରକାର ଖେଳର ଶୁଭାରମ୍ଭ କରାଯାଇଥିଲା। ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫ ଶହ ଶିଶୁ ଉପସ୍ଥିତ ରହି ଖେଳରେ ଭାଗ ନେଇଥିଲେ। ୯୦ ଖେଳ ମଧ୍ୟରୁ ପ୍ରାୟ ୬୦ ଟି ଖେଳ ପ୍ରଥମ ଦିନରେ ଶେଷ ହୋଇଯାଇଛି।

# ଜିଲା ଆଦିବାସୀ ସମାଜ ମହାସଂଘର ଇଡ୍‌କୋ କମ୍ପାନୀ ବିରୋଧରେ ଦାବିପତ୍ର

ମାଲକାନଗିରି,୧୧।୧୨(ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲାରେ ଇଡ୍‌କୋ କମ୍ପାନୀକୁ ବିରୋଧ ଜୋର ଧରିଥିବା ବେଳେ ସୋମବାର ପୁଣି କମ୍ପାନୀକୁ ବିରୋଧ କରି ଜିଲା ଆଦିବାସୀ ମହାସଂଘ କର୍ମକର୍ତ୍ତାମାନେ ବିଶାଳ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ।

ସିନ୍ଧ୍ରିମାଳ ପଞ୍ଚାୟତ ସିମାଗୁଡ଼ି ଗ୍ରାମ ନିକଟରେ ଇଡ୍‌କୋ କମ୍ପାନୀକୁ ପ୍ରଶାସନ ଓ ସରକାର ଜମି ଲିଜରେ ଦେବାକୁ ସ୍ଥାନୀୟ ଲୋକେ ପ୍ରଥମରୁ ବିରୋଧ କରି ଆସୁଥିଲେ। ଇଡ୍‌କୋ କମ୍ପାନୀ ହେଲେ ଉକ୍ତ ଜମିରେ ଥିବା ଜଙ୍ଗଲ ନଷ୍ଟ ହୋଇଯିବ, ଫଳରେ ଲୋକେ ନାନା ସମସ୍ୟା ଭୋଗିବେ। କାରଣ ସ୍ଥାନୀୟ ଲୋକେ ଅନେକ ସମୟରେ ଉକ୍ତ ଜଙ୍ଗଲ ଉପରେ ନିର୍ଭରକରି ଚଳିଆସୁଛନ୍ତି। ତେଣୁ ତୁରନ୍ତ କମ୍ପାନୀକୁ ଜମି ଦେବାକୁ ବିରୋଧ କରି ଏହାକୁ ବନ୍ଦ କରିବାକୁ ଦାବି କରିଛନ୍ତି। ଆଦିବାସୀ ସମାଜ ଓ ସ୍ଥାନୀୟ ଲୋକେ ତେବେ ଏହାକୁ ନେଇ ଆଜି ସହ ସହ ଲୋକେ ଜିଲା ସଦରରେ ଥିବା ବସ୍‌ଷ୍ଟାଣ୍ଡ ନିକଟରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କମ୍ପାନୀ କାମ ଯଦି ବନ୍ଦ କରା ନ ଯାଏ ତା' ହେଲେ ଆଗକୁ ଆହୁରି ବଡ଼ଧରଣର ଆନ୍ଦୋଳନ ହେବ ବୋଲି ଆଦିବାସୀ ସମାଜ ଚେତାବନୀ ଦେଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.57/ET/SBP/ENGG/2023-24, ତା.04.12.2023ରିଖ

ଇ-ଟେଣ୍ଡର ସଂ.41-eT-SDENC-SBP-23

କାର୍ଯ୍ୟର ନାମ : 24 ମାସ ସମୟ ଅବଧି ନିମନ୍ତେ ସମ୍ବଲପୁରରେ ସେକ୍ଟର-A ଠାରେ ଅଧସ୍ତନ ବିଶ୍ରାମ ଗୃହ, ଷ୍ଟେସନ ବିଲ୍ଡିଙ୍ଗ୍ ଠାରେ ଅଧିକାରୀ ବିଶ୍ରାମ ଗୃହ ଏବଂ ରେଳନଗର ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଓ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 81,67,330.56, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,63,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.12.2023 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଉଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର

PR-871/O/23-24



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMRIT-BHARAT-06-360, ତା.05.12.2023ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର (MCS), ଢେଙ୍କାନାଳ (DNKL), ତାଳଚେର (TLHR) ଏବଂ ଅନୁଗୁଳ (ANGL) ଷ୍ଟେସନଗୁଡ଼ିକ ଠାରେ ଅମୃତ ଭାରତ ଷ୍ଟେସନ ସ୍କିମ୍ (ABSS) ସମ୍ବନ୍ଧୀୟ ବିଭିନ୍ନ ଦୂରସଂଚାର ଯାତ୍ରୀ ସୁବିଧାସୁଯୋଗ (CIB ଏବଂ TIB)ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 5,06,05,127.86, EMD (ଟଙ୍କାରେ) : 4,03,000/-

ବିଡ୍ ଆରମ୍ଭ ହେବା ତାରିଖ: ତା.13.12.2023ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଉଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-868/O/23-24



**कार्यपालक अभियंता का कार्यालय,
ग्रामीण विकास विशेष प्रमंडल, जमशेदपुर
Email ID- rdsdjamshedpur@gmail.com**

:–शुद्धि पत्रः–

इस कार्यालय का ई0–निविदा आमंत्रण सूचना संख्या E-RDSD/JSR/16/2023-24 जिसका (PR No :– 311668 (Rural Development) 23-24)_ D में निम्न प्रकार से आंशिक संशोधन किया जाता है :–

1. वेबसाइट में निविदा प्रकाशन की तिथि – 12.12.2023
2. ई–निविदा प्राप्ति की तिथि एवं समय – दिनांक 12.12.2023 से दिनांक 20.12.2023 को अपराह्न 05:00 बजे तक।
3. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
4. ई–निविदा खोलने की तिथि एवं समय – 21.12.2023 अपराह्न 02:00 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
6. ई–निविदा प्रकोष्ठ का दूरभाष सं0 – 7903003903
7. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

शेष अन्य सभी शर्तें यथावत् रहेगा।

कार्यपालक अभियंता
ग्रामीण विकास विशेष प्रमंडल,
जमशेदपुर

PR313163 (Rural Development)23-24*D



Odisha Coal and Power Limited OCPL

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No.: OCPL/SITE-98/2023 Date: 12.12.2023

Sealed bids in prescribed format are invited from reputed Companies/Firms/Agencies for execution of the following work:

| Sl. No. | Name of the Work | Cost of Tender Paper | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Construction of Boundary Wall at Kutabaga UP School, Hemgir, Sundargarh, Odisha | Rs.5,900/- (Rupees five thousand nine hundred only) including GST @ 18% | 10.01.2024 | 03.00 P.M./ 03.30 P.M. on 17.01.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd./- Sr. Manager (Commercial & Contracts)

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

କୋଷାଗୁମୁଡ଼ା, ୧୧।୧୨(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ାରୁ ମୋତିଗାଁ ଯିବା ରାସ୍ତା ଟେମେରା ବ୍ରିଜ୍ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟେମେରା ଗ୍ରାମର ବୁଦ୍ଧୁରାମ ମାଳି (୪୦)। ଏନେଇ ଥାନାରେ କେସ୍ ନଂ. ୧୯୦/୨୩ରେ ଏକ ମାମଲା ରୁଜୁ କରାଯାଇଛି। ସୋମବାର କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । କେଉଁ ଗାଡ଼ି ଦୁର୍ଘଟଣା ଘଟାଇଛି ତାହା ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ କରିବାକୁ ଥାନା ଏସ୍ଆଇ ସୁଧାଂଶୁ ବାରିକ ସୂଚନା ଦେଇଛନ୍ତି।

### ଉପକାରାଗାରରେ ଆଇନ ସଚେତନତା ଶିବିର




ନବରଙ୍ଗପୁର, ୧୧।୧୨(ସଦାଶିବ ପ୍ରହରାଜ)

ଚଳିତ ବର୍ଷ ମାନବାଧିକାର ଦିବସ ଅବସରରେ ସ୍ଥାନୀୟ ଜିଲା ଉପକାରାଗାର ପରିସରରେ ଅନ୍ତେବାସୀଙ୍କୁ ନେଇ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଡିଏଲ୍ଏସ୍ଏ ସଚିବ ଜନକ ରାଉତ ମୁଖ୍ୟ ଅତିଥିଭାବେ ମଞ୍ଚାସୀନ ଥିଲେ। ସେ ସମସ୍ତଙ୍କୁ ମାନବାଧିକାରୀ ଦିବସ ବିଷୟରେ ଜଣାଇଥିଲେ। ଅନ୍ୟ ଅତିଥିଭାବେ ଉପକାରାଗାର ଭାରପ୍ରାପ୍ତ ଅଧୀକ୍ଷକ ମକସୁଦ ଖାନ, ଡ. ଶଙ୍କର ଲାଲ ଜୈନ, ଆଇନଜୀବୀ ସଂଘ ସଭାପତି ନରସିଂହନାଥ ତ୍ରିପାଠୀ, ସମ୍ପାଦକ ତପନ ସିଂହଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇଥିଲେ। ଭାରପ୍ରାପ୍ତ ଅଧୀକ୍ଷକ ମକ୍ସୁଦ ଖାନ ପରିଚାଳନା କରିଥିଲେ।

### ୧୯ ଅଭିଯୋଗର ଶୁଣାଣି

କୋଷାଗୁମୁଡ଼ା, ୧୧।୧୨(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ମିନି ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତି ରେ ପିଡି ଡିଆର୍‌ଡିଏ ଅନ୍ୟା ଦାସ ବୈଠକରେ ଅଧକ୍ଷତା କରିଥିଲେ। ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଲୋକେ ନିଜ ଅଭିଯୋଗ ଜଣାଇଥିଲେ। ଏଥିରେ ମୋଟ ୧୯ ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୧୧ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। କୋଷାଗୁମୁଡ଼ାରୁ ଭୁବନେଶ୍ୱର, ବିଶାଖାପାଟଣା ବସ୍ ଚଳାଚଳ, ରାସ୍ତା, ଡ୍ରେନ୍ ତିଆରି, ଶୌଚାଳୟ ନିର୍ମାଣ କରିବାକୁ କୁହାଯାଇଛି। ସମସ୍ତ ଅଭିଯୋଗ ଶୁଣାଣି କରି ଏହାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଜିଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ୩୦ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଶିବିରରେ ଜିଲା ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଉମରକୋଟ, ୧୧।୧୨(ସନ୍ତୋଷ ଶତପଥୀ)

ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦର ୧୧ ନଂ ୱାର୍ଡ ଭାଲୁଗୁଡ଼ାରୁ ମିଳିଛି। ମୃତକ ହେଲେ ଉମରକୋଟ ବ୍ଲକ ନେହୁରା ଗ୍ରାମର ପ୍ରମିଳା ଭତରା (୧୮)। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସୂଚନାନୁଯାୟୀ, ପ୍ରମିଳା ପୌର ପରିଷଦର ଚଡେଇଗୁଡ଼ାସ୍ଥିତ ନିଜ ବଡମା ଘରେ ରହି କଲେଜକୁ ଯିବା ଆସିବା କରୁଥିଲେ। ୧୫ ଦିନ ହେବ ସେ ସାଙ୍ଗ ଘରେ ରହୁଥିଲେ। ସାଙ୍ଗ ଘରେ କେହି ନ ଥିବାର ସୁଯୋଗ ନେଇ ପ୍ରମିଳା ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏନେଇ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉମରକୋଟ ଥାନା ପୋଲିସ ୮୪/୨୩ରେ ମାମଲା ରୁଜୁ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଓହ୍ଲାଯାଇ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।



ମଣ୍ଡେଇ ଦ୍ୱିତୀୟ ସନ୍ଧ୍ୟାରେ ସୃଜନର କଳାକାରମାନେ ଡେମ୍‌ସାନୃତ୍ୟ ପରିବେଷଣ କରୁଛନ୍ତି ।



ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଓଡ଼ିଶୀନୃତ୍ୟ ।

# ପାରମ୍ପରିକ କଳା ପାଇଁ ମଣ୍ଡେଇ ଏକ ବଡ଼ ମଞ୍ଚ

ନବରଙ୍ଗପୁର,୧୧।୧୨(ସଦାଶିବ ପ୍ରହରାଜ)

କଳା ସଂସ୍କୃତିର ବାର୍ତ୍ତାବହ ମଣ୍ଡେଇ। ଜିଲାସ୍ତରୀୟ ମଣ୍ଡେଇ ସାଂସ୍କୃତିକ ମହୋତ୍ସବ ସହିତ ପଲ୍ଲିଶ୍ରୀ ମେଳା ଦର୍ଶକଙ୍କୁ ଆକୃଷ୍ଟ କରୁଛି। ଏହାର ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଜିଲା ଜଜ୍ ସଞ୍ଜୀବ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲାର କଳା ସଂସ୍କୃତି, ଲୋକ କଳା ଯେମିତି ବିଲୁପ୍ତ ନ ହେଉ ସେନେଇ ମଣ୍ଡେଇ ମାଧ୍ୟମରେ ଉଦ୍ୟମ ଜାରି ରହିଛି। କୁଟୀରଶିଳ୍ପ, ହସ୍ତତନ୍ତ, ହସ୍ତ ଶିଳ୍ପ କାରିଗରଙ୍କୁ ବଜାର ମିଳିପାରୁଛି। ନବରଙ୍ଗପୁର ଜିଲାର ଆଦିବାସୀ ଅଳଙ୍କାର, ଚନ୍ଦାହାଣ୍ଡିର କାଠ ହସ୍ତଶିଳ୍ପ, ଡାବୁଗାଁର ଟେରାକୋଟା, ନବରଙ୍ଗପୁରର ଲାଖ ଶିଳ୍ପ, ଲିମଭଟା ଗାଁର ଧାନ ହସ୍ତଶିଳ୍ପ ଆଦିର ଚାହିଦା ଜିଲା ଓ ରାଜ୍ୟ ବାହାରେ ରହିଛି ବୋଲି କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଏସ୍ପି ରୋହିତ ବର୍ମା ଯୋଗଦେଇ ମଣ୍ଡେଇ ଲୋକ ମହୋତ୍ସବକୁ ଉପଭୋଗ କରିବାକୁ ପରାମର୍ଶ ଦେଇଛନ୍ତି। କଳାକାରଙ୍କ ଆଗ୍ରହ ସହ ଜିଲା ପ୍ରଶାସନର ସହଯୋଗରେ ମଣ୍ଡେଇ ଆଗଉଛି। ଲୁକ୍କାୟିତ କଳା ଓ ସ୍ଥାନୀୟ ପାରମ୍ପରିକ କଳା ପାଇଁ ମଣ୍ଡେଇ ଏକ ବଡ଼ ମଞ୍ଚ ବୋଲି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାଶ କହିଥିଲେ। ଓଡ଼ିଶାର କଳା ଅତି ଉଚ୍ଚକୋଟିର ବୋଲି ସିଆର୍‌ପିଏଫ ୧୨ ବାଟାଲିଆନ କମାଣ୍ଡାଣ୍ଟ ନନ୍ଦକିଶୋର କୁମାର ପ୍ରସାଦ କହିଛନ୍ତି। ଅତିରିକ୍ତ ଜିଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ ସଭାପତିତ୍ୱ କରି କଳାର ବିକାଶ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ। ମଣ୍ଡେଇ ମାଧ୍ୟମରେ କବିତା ଆସର, ସାହିତ୍ୟ ଆଲୋଚନା ଚକ୍ର, ନାଟ୍ୟ ଉତ୍ସବ କରାଯାଇଛି। ବିଭିନ୍ନ ବ୍ଲକରୁ କଳାକାର ମଞ୍ଚ ନାଟ୍ୟ ପରିବେଷଣ କରିଥିଲେ। ଛାତ୍ରୀଛାତ୍ର, କୁନି କଳାକାର ଉତ୍ତମ କଳା ପ୍ରଦର୍ଶନ କରିଛନ୍ତି। ଜିଲାର କଳା ସଂସ୍କୃତିକୁ ରାଜ୍ୟ ବାହାରେ ଓ ବିଶ୍ୱସ୍ତରରେ ପହଞ୍ଚାଇବା ମଣ୍ଡେଇର ଉଦ୍ଦେଶ୍ୟ ବୋଲି କହିଥିଲେ। ନବରଙ୍ଗପୁରର ଲୋକ ମହୋତ୍ସବ ମଣ୍ଡେଇ ମହାନ। ଭୀମା ଭିମାଣି, ଲାଠି ଚୌକି ମାଧ୍ୟମରେ ହୋଇଥିବା ଶୋଭାଯାତ୍ରା, ପରମ୍ପରା, ସଂସ୍କୃତି, ଲୋକକଳା ଲୋକ ନୃତ୍ୟ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଆଦିବାସୀ ସଂସ୍କୃତି ଏକାକାର କରିବାର ଜାଣିଛି। ଏଥିପାଇଁ ତ ଆମ କଳା ସଂସ୍କୃତି ସବୁଦିନ ପାଇଁ ଜୀବିତ ରହିଛି ବୋଲି ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ କହିଛନ୍ତି। ମଣ୍ଡେଇ ମାଧ୍ୟମରେ ଏକତାର ପରିଚୟ ମିଳୁଛି। ବିଭିନ୍ନ ରାଜ୍ୟ, ଜିଲା ଓ ଜିଲା ବାହାର କଳାର ଆଦାନ ପ୍ରଦାନ ହୋଇପାରୁଛି କହି ଉପଜିଲାପାଳ ପ୍ରକାଶ କୁମାର ମିଶ୍ର କହିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ପରେ ଅତିଥି ମାନଙ୍କୁ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଶ୍ରଦ୍ଧାର ଭେଟି ପ୍ରଦାନ କରାଯାଇଥିଲା।

ସଭା କାର୍ଯ୍ୟ ପରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ବୀରକିଶୋର ନାୟକଙ୍କ ଦଳର ଓଡିଶୀ, ସୃଜନ ଦଳର ଡେମ୍‌ସା, ଢେଙ୍କାନାଳର ଲାଉଡି, ସୁନ୍ଦରଗଡ଼ର ଝୁମର, ଗଞ୍ଜାମ ଭଞ୍ଜନଗରର ପଶୁମୁଖା ନୃତ୍ୟ ଦର୍ଶକଙ୍କୁ ବାନ୍ଧିରଖିଥିଲା। ରୋହନ ବିଶ୍ୱାଳ ଅର୍କେଷ୍ଟ୍ରା ପରିବେଷଣ କରିଥିଲେ। ଅହୋରାତ୍ର ଆଦିବାସୀ ନାଟ ପରିବେଷଣ କରାଯାଉଛି। ଉମରକୋଟ ବ୍ଲକ ବେହେଡ଼ା ପଞ୍ଚାୟତ ମଙ୍ଗଳଦରା ଗାଁର ଆଧୁନିକ ନାଟ 'ପଲକରେ ବେସି ସୁନା ପ୍ରିୟସୀ' ଦେଖିବାକୁ ଲୋକଙ୍କ ମଧ୍ୟରେ ଖୁବ୍ ଆଗ୍ରହ ଥିଲା। କମଳ ଲୋଚନ ଭତରା ନାଟଗୁରୁ ଥିଲେ। ୪୦ ଜଣ କଳାକାର ଏହି ନାଟରେ ଅଭିନୟ କରିଥିଲେ।

ପଲ୍ଲିଶ୍ରୀ ମେଳାରେ କୃଷି, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଅନୁସୂଚିତ ଜାତି ଜନଜାତି ଉନ୍ନୟନ, କୃଷି ଯନ୍ତ୍ରପାତି, ହସ୍ତଶିଳ୍ପ, ହସ୍ତତନ୍ତ, ଏସ୍ଏଚ୍‌ଜି, ମିଶନ ଶକ୍ତି ବିଭାଗ ଷ୍ଟଲ୍ ପଡ଼ିଛି। ଏହାବ୍ୟତୀତ ଚଳିତ ବର୍ଷ ବାହାର ବ୍ୟବସାୟୀଙ୍କ ମଧ୍ୟ ପଡିଆ ପରିସରରେ ବ୍ୟବସାୟ ପାଇଁ ପ୍ରଶାସନର ଅନୁମତି ରହିଛି। ଏନେଇ ବ୍ୟବସାୟୀମାନେ ଖୁସି ଅଛନ୍ତି। ପଲ୍ଲିଶ୍ରୀ ମେଳା ମାଧ୍ୟମରେ ଜିଲା ଓ ଜିଲା ବାହାର ହସ୍ତଶିଳ୍ପ ସମ୍ଭାର ଲାଗିଛି। ବର୍ଷକୁ ଥରେ ଲୋକ ମହୋତ୍ସବ ମଣ୍ଡେଇ ଓ ପଲ୍ଲିଶ୍ରୀ ମେଳା ହେଉଥିବାରୁ ନବରଙ୍ଗପୁର ଭଳି ପଛୁଆ ଅଞ୍ଚଳରେ ଏକ ବଡ଼ ବଜାର ବ୍ୟବସ୍ଥା ଦେଖିବାକୁ ମିଳୁଛି। ଲୋକେ ନିଜ ମନ ପସନ୍ଦର ସାମଗ୍ରୀ କିଣିବା ସୁଯୋଗ ପାଉଛନ୍ତି। ଓର୍‌ମାସ ପଲ୍ଲିଶ୍ରୀ ମେଳା ପରିଚାଳନା ଦାୟିତ୍ୱ ବହନ କରିଛି।



ସଭାରେ ଉପସ୍ଥିତ ଅତିଥିମାନେ।



ଗଞ୍ଜାମ ଜିଲା ଭଞ୍ଜନଗର କଳାକାରଙ୍କ ପଶୁମୁଖା ନୃତ୍ୟ ।

## ସାର ହେରଫେର ଯାଞ୍ଚ କଲେ ଅଧିକାରୀ



ତେନ୍ତୁଳିଖୁଣ୍ଟି, ୧୧।୧୨(ଚିଦାନନ୍ଦ ସାହୁ)

**ଧରିତ୍ରୀ ପ୍ରଭାବ**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସଦରରେ ଥିବା ସମବାୟ ଲ୍ୟାମ୍ପସରେ ସାର ଚାଷୀଙ୍କୁ ଦିଆ ନ ଯାଇ ବ୍ୟବସାୟୀଙ୍କୁ ବିକ୍ରି କରାଯାଇଥିବା ନେଇ ଧରିତ୍ରୀ ଖବର ପ୍ରକାଶ ପାଇଥିଲା। ସୋମବାର ଜିଲାସ୍ତରୀୟ ତଦନ୍ତକାରୀ ଦଳ ଏଡିଓ ବିଦ୍ୟୁଭୂଷଣ ମହାକୁଲ ଓ ତେନ୍ତୁଳିଖୁଣ୍ଟି ସହକାରୀ କୃଷି ଅଧିକାରୀ ମାନସ ନାୟକ ତେନ୍ତୁଳିଖୁଣ୍ଟି ଓ ଲମତାଗୁଡ଼ା ଗୋଦାମ ଯାଞ୍ଚ କରିଥିଲେ। ପିଓଏସ ମେସିନ ଅକ୍ଟୋବର ୬ତାରିଖ ରୁ ଖରାପ ଥିବା ଏମ୍‌ଡି କହିଛନ୍ତି। ଅକ୍ଟୋବର ମାସରେ ଏହି ଅଞ୍ଚଳରେ ଧାନ ଓ ମକା ବାହାରିବା ସମୟ। ଏଠାରେ ଡିଏପି ସାରା ଅବଶ୍ୟ କ ପଡି ନ ଥାଏ। ହେଲେ ଅନଲାଇନରେ ୪୮୬ କୁଇଣ୍ଟାଲ ସାର ଥିବା ଦର୍ଶାଯାଇଛି। କିନ୍ତୁ ତଦନ୍ତକାରୀ ଟିମ୍ ୧୬୧ କୁଇଣ୍ଟାଲ ସାର ଗୋଦାମରେ ଥିବା କହିଛନ୍ତି। ସାର ଷ୍ଟକ ଓ ଲ୍ୟାମ୍ପସ ଅଧିକାରୀଙ୍କ କଥାରେ ତାଳ ମେଳ ନ ଥିବାରୁ ତଦନ୍ତକାରୀ ଦଳ ଲ୍ୟାମ୍ପ ଖତ ବିକ୍ରି କରୁଥିବା ରେଜିଷ୍ଟର ସିଜ କରି ଅଧିକ ଯାଞ୍ଚ ପାଇଁ ନେଇଥିବା କହିଛନ୍ତି।

## ସ୍କୁଲରେ 'ମୋ ଦସ୍ତଖତ ମୋ ଭାଷା' କାର୍ଯ୍ୟକ୍ରମ

ପାପଡ଼ାହାଣ୍ଡି,୧୧।୧୨(ସ୍ୱପ୍ନଜିତ ପଟ୍ଟନାୟକ)

ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତୀୟ ଭାଷା ଉତ୍ସବ ପାଳନ କରଯାଇଛି। ନବରଙ୍ଗପୁର ଏବିଇଓ ବିଶ୍ୱନାଥ ସାହୁ ମୁଖ୍ୟ ଅତିଥି, ଭାବେ ଯୋଗ ଦେଇଥିଲେ। ସୁବ୍ରମନ୍ୟମ ଭାରତୀଙ୍କ ଜୀବନୀ ଉପରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଏବଂ ବକ୍ତୃତା ପ୍ରତିଯୋଗିତା କରାଯାଇଛି। ମୋ ସ୍କୁଲ ସଭାପତି ସଦାଶିବ ହରିଜନ ମୁଖ୍ୟ ବକ୍ତା, ଏସ୍ଏମ୍‌ସି ସଭାପତି ସନ୍ନ୍ୟାସୀ ଜାନି ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବଶଙ୍କର ସାମଲ ଅତିଥିଭାବେ ଉପସ୍ଥିତ ଥିଲେ। ଏହାପରେ 'ମୋ ଦସ୍ତଖତ ମୋ ଭାଷା' କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ସମସ୍ତେ ନିଜ ମାତୃଭାଷାରେ ଦସ୍ତଖତ କରିଥିଲେ। ଜମେଶ୍ୱର ନାଗ ମଞ୍ଚ ପରିଚାଳନା କରିଥିଲେ। ହୃଷିକେଶ ବିଷୋୟୀ, ସଞ୍ଜିବ ବଡଗୁଛିଆ, ନାରାୟଣ ଭୋଇ, ଉତ୍କଳ କେଶରୀ ଜେନା, କୁନ୍ତଳତା ନାୟକ, ବବିତା ଜାନୀ, ଗୋବିନ୍ଦ ଭତ୍ରା ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷା ପ୍ରତି ଆନ୍ତରିକତା ଦେଖାଇବାକୁ ପରାମର୍ଶ

**ନବରଙ୍ଗପୁର ମହାବିଦ୍ୟାଳୟରେ ଭାରତୀୟ ଭାଷା ଦିବସ**

ନବରଙ୍ଗପୁର,୧୧।୧୨(ସଦାଶିବ ପ୍ରହରାଜ)

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଦେଶର ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ତାମିଲ ମହାକବି ଚିନ୍ନାସ୍ୱାମୀ ସୁବ୍ରମଣ୍ୟ ଭାରତୀଙ୍କ ଜନ୍ମଦିନ ଉପଲକ୍ଷେ ନବରଙ୍ଗପୁର ମହାବିଦ୍ୟାଳୟର ଓଡ଼ିଆ ଓ ଇଂରାଜୀ ବିଭାଗର ମିଳିତ ସହଯୋଗରେ ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ଭାରତର ସମସ୍ତ ଭାଷା ସମ୍ପର୍କରେ ଅବଗତ ହେବା ସହ ଓଡ଼ିଆ ଭାଷା ପ୍ରତି ଆନ୍ତରିକତା ମନୋଭାବ ପୋଷଣ କରିବାକୁ ମହାବିଦ୍ୟାଳୟ ଅଧକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗେଦେଇ କହିଛନ୍ତି। ଭାରତୀୟ ଭାଷା ଦିବସ ପାଳନର ମହତ୍ତ୍ୱ ଏବଂ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ବିଷୟରେ ଇଂରାଜୀ ବିଭାଗ ମୁଖ୍ୟ ଘାସିରାମ ବେହେରା କହିଛନ୍ତି। ଓଡ଼ିଆ ବିଭାଗର ମୁଖ୍ୟ ଡ. ନନ୍ଦିତା ମିଶ୍ର ଭାଷାର ବିଭିନ୍ନ ଦିଗ ଏବଂ ଓଡ଼ିଆ ଭାଷାର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରିୟବ୍ରତ ସାହୁ ଓଡ଼ିଆ ଭାଷାର ଐତିହାସିକ ବିବର୍ତ୍ତନ ଧାରା ଓ ସାମ୍ପ୍ରତିକ ଓଡ଼ିଆ ଭାଷାର ସ୍ଥିତି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକ ଡି. ଗୋବିନ୍ଦା ସଂଯୋଜନା କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ସଚିନ୍ ପଣ୍ଡା ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକଙ୍କୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସମାଜ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଉମରକୋଟ, ୧୧।୧୨(ସନ୍ତୋଷ ଶତପଥୀ)

ଉମରକୋଟ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ପୂର୍ବତନ ନଗରପାଳ ତଥା ବରିଷ୍ଠ ଓକିଲ ଝାଡ଼େଶ୍ୱର ମହାନ୍ତି ମୁଖ୍ୟବକ୍ତା, କେବିକେ ଉପଦେଷ୍ଟା ଶୁକଦେବ ଗଣ୍ଡ, ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ପୌରାଧକ୍ଷା ରାଧା ଭତ୍ରା ଏବଂ ବରିଷ୍ଠ ସାମାଜିକ କର୍ମୀ ସଲିମ୍ ରାଠୋରଙ୍କ ସହ ମହାବିଦ୍ୟାଳୟାର ଅଧକ୍ଷା ନମିତା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ପୂର୍ବତନ ଦିବଂଗତ ବିଧାୟକ ସ୍ୱର୍ଗତ ଜଗବନ୍ଧୁ ମାଝିଙ୍କ ପ୍ରତିମୂର୍ତ୍ତିକୁ ଏମ୍‌ପି ମାଝି ଉନ୍ମୋଚନ କରିଥିଲେ। ସମାଜ ଗଠନରେ ଯୁବଶକ୍ତିର ଭୂମିକା ତଥା ମହତ୍ତ୍ୱ ସମ୍ପର୍କରେ ଅତିଥିମାନେ ମତ ଦେଇଥିଲେ। ଆଗାମୀ ଦିବସରେ ହେବାକୁ ଥିବା ସାମାଜିକ ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟସୂଚୀ ସମ୍ପର୍କରେ କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ତଥା କ୍ରୀଡ଼ା ଅଧାପକ ନିରଞ୍ଜନ ପଣ୍ଡା ବିବରଣୀ ପ୍ରଦାନ କରିଥଲେ। ଅଧାପକ ଅମରେଶ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅଧାପକ ଶ୍ରୀପତି ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଙ୍କ ସମେତ ଅଧାପକ ଦିଲୀପ ରଥ, ଅଧାପିକା ରିହାନା ଫାତମା, ପ୍ରୀତିରେଖା ମହାନ୍ତି, ପୂଜା ମାହାନ୍ତ, ସରୋଜ ମହାନ୍ତି, ଓଁମ୍ ପ୍ରକାଶ ପଟ୍ଟନାୟକ, ନରେଶ ପଟ୍ଟନାୟକ ଏବଂ ମାଳତୀ ନାୟକ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସାଧାରଣ ଧାନ ମୂଲ୍ୟ ୨୧୮୩, 'କ' ଶ୍ରେଣୀ ଧାନ ୨୨୦୩

**ଧାନମଣ୍ଡି ଉଦ୍‌ଘାଟିତ**

ଝରିଗାଁ/ପାପଡାହାଣ୍ଡି, ୧୧।୧୨
(କିଶୋର ଚନ୍ଦ୍ର ମଣ୍ଡଳ/ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକସ୍ଥିତ ଆର୍‌ଏମ୍‌ସିରେ ପ୍ରଶାସନ ପକ୍ଷରୁ ଧାନମଣ୍ଡିର ଉଦ୍‌ଘାଟନ କରାଯାଇଛି। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାଶ, ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି, ବିଧାୟକ ପ୍ରତିନିଧି ରାମଧର ମାଝି, ଲ୍ୟାମ୍ପସ ସଭାପତି ଲଛମା ଗଣ୍ଡ, ଉପସଭାପତି ଭକଚନ୍ଦ ନାୟକ, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ପୂର୍ବତନ ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ଖାଲାସୀ ସଂଘ ବ୍ଲକ ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ଏକମ୍ବା, ବୁଧବାର ଚଚା, ଗୁରୁବାର ଧୋଡ୍ରା, ଶୁକ୍ରବାର ଛାଟିଗୁଡା ଏବଂ ଶନିବାର ବେଲଗାଁରେ ଧାନମଣ୍ଡିର ଉଦ୍‌ଘାଟନ କରାଯିବ ବୋଲି ଆର୍‌ଏମ୍‌ସି ଅଧିକାରୀ ପ୍ରଶାନ୍ତ ରାୟ କହିଛନ୍ତି। ସାଧାରଣ ଧାନ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ଏବଂ 'କ' ଶ୍ରେଣୀ ଧାନ କୁଇଣ୍ଟାଲ ପିଛା ୨୨୦୩ ଟଙ୍କାରେ କ୍ରୟ କରାଯିବାକୁ ଧାର୍ଯ୍ୟ ହୋଇଛି। କାର୍ଯ୍ୟକ୍ରମରେ ଚାଷୀ ପ୍ରେମା ପାଣ୍ଡେ, ମୋହନ ପ୍ରଧାନୀ, ସମ୍ବାରୁ ପ୍ରଧାନୀ, ଲଛମନ ଉଲ୍ଲକା, ତୁଳସୀ ପନକା, ବାସୁଦେବ ଭତ୍ରା ପ୍ରମୁଖଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ। ଝରିଗାଁ ଲ୍ୟାମ୍ପସରେ ଚଳିତ ବର୍ଷ ୧୯୧୦ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ କେତେଜଣ ଚାଷୀଙ୍କ ନିକଟରେ ମଣ୍ଡିରେ ଧାନ ବିକ୍ରି ପାଇଁ ଟୋକନ ଆସିଛି। ତେବେ ଟାର୍ଗେଟ ଆସି ନ ଥିବା ଯୋଗୁ ଚାଷୀଙ୍କଠାରୁ ଧାନ କିଣା ହୋଇ ନ ଥିବା ସ୍ଥାନୀୟ ଏମ୍‌ଡି ନରସିଂହ ଗୌଡ଼ ସୂଚନା ଦେଇଛନ୍ତି।

ପାପଡ଼ାହାଣ୍ଡି ବ୍ଲକର ଧାନ ମଣ୍ଡି ସୋମବାର ଆରମ୍ଭ ହୋଇଛି। ଏଥିରେ ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଲ୍ୟାମ୍ପସ ସଭାପତି ସଦାଶିବ ନାୟକ, ଏମ୍‌ଡି ଇସ୍ମାଇଲ ସୋନଫୁଲ, ଲ୍ୟାମ୍ପସ କର୍ମଚାରୀ, ଆର୍‌ଏମ୍‌ସି କର୍ମଚାରୀ, ପାପଡ଼ାହାଣ୍ଡି ଅଞ୍ଚଳର ଚାଷୀ ମନୋଜ ମହାନ୍ତି, ଦୁର୍ଗାପ୍ରସାଦ ନାୟକ, ଆନନ୍ଦ ରାଓ, ଫାରୁଖ ବାବୁ, ପ୍ରବୀଣ ସତନାମୀ ପ୍ରମୁଖ ଉପସ୍ଥିତ ଥିଲେ। ନୀଳକଣ୍ଠ ତ୍ରିପାଠୀଙ୍କ ପୌରହିତ୍ୟରେ ପୂଜା ପରେ ମଣ୍ଡି ଆରମ୍ଭ କରାଯାଇଛି। କେତେଜଣ ଚାଷୀ ଧାନ ଧରି ମଣ୍ଡିରେ ପହଞ୍ଚି ଥିଲେ କିନ୍ତୁ ସେମାନଙ୍କ ଧାନ କିଣା ଯାଇନଥିଲା। ଏନେଇ ଏମ୍‌ଡିଙ୍କୁ ପଚାରିବାରୁ ମିଲେର ଟାଗ ହୋଇ ନ ଥିବା ଯୋଗୁ ଧାନ କିଣା ଯାଇନାହିଁ ବୋଲି ସେ କହିଛନ୍ତି। ଉକ୍ତ ଧାନକୁ ଲ୍ୟାମ୍ପସ ସୁରକ୍ଷିତ ଭାବେ ତାଙ୍କ ଜିମାରେ ରଖିଥିବା ଏମ୍‌ଡି କହିଛନ୍ତି ।





ଝରିଗାଁ ଓ ପାପଡାହାଣ୍ଡିରେ ମଣ୍ଡି ଉଦ୍‌ଘାଟନବେଳେ ଅତିଥି ଓ ଚାଷୀମାନେ।

